ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୧ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 AUGUST 2020

Vol.No. 30 ■ No. 193 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman



ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

DADLS: 46 OIPR: 15001/13/0071/2021



ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ପର୍ବପାଳନ ସମୟରେ କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ସରକାରଙ୍କ ନିର୍ଦ୍ଦେଶାବଳୀର ଅନୁପାଳନରେ ସମସ୍ତଙ୍କ ସହଯୋଗ ଜରୁରୀ ଅଟେ ।

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS: 46 OIPR: 15001/13/0071/2021

ଉତ୍ସର୍ଗ ଓ ସମର୍ପଣ ଭାବର ପର୍ବ ପବିତ୍ର ଇଦ୍-ଉଲ୍-ଜୁହା ପାଳନ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

କରୋନା ମହାମାରୀ ବିରୁଦ୍ଧରେ ଆମ ସମସ୍ତଙ୍କର ଲଢ଼େଇ ଜାରି ରହିଛି । ଆସନ୍ତୁ, ଧୈର୍ଯ୍ୟ ଓ ସାହସର ସହିତ ସମସ୍ତେ ଏଥିରେ ସାମିଲ ହୋଇ ଏହି ସଂଗ୍ରାମକୁ ବଳବତ୍ତର ରଖିବା ଏବଂ ମହାମାରୀର ମୁକାବିଲା କରିବା ।

(ରଘୁନନ୍ଦନ ଦାସ)

ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

DADLS: 46 OIPR: 15001/13/0071/2021

ଅନ୍ ଲକ୍ -୩.୦

ନୂଆ ଗାଇଡ୍ ଲାଇନ୍ ଜାରି କଲେ ରାଜ୍ୟ ସରକାର

- ଅଗଷ୍ଟ ୩୧ ଯାଏଁ କଂଟେନମେଂଟ ଜୋନରେ ଜାରି ରହିବ ଲକ୍ ଡାଉନ୍
- ଖୋଲିବ ଜିମ୍ , ଯୋଗ ସେଂଟର
- ବନ୍ଦ ରହିବ ଧାର୍ମିକ ଅନୁଷ୍ଠାନ , ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୩୧।୭ (ନି.ପ୍ର): ରାଜ୍ୟ ସରକାର ଅଗଷ୍ଟ ମାସ ଲାଗି ନୂଆ ଗାଇଡଲାଇନ୍ ଜାରି କରିଛନ୍ତି ।ଏଥର ଗାଇଡ୍ ଲାଇନ୍ ରେ ସମଗ୍ର ରାଜ୍ୟରେ କଟକଣା କିଛି ମାତ୍ରାରେ କୋହଳ ହୋଇଥିବା ବେଳେ କେବଳ କଂଟେନମେଂଟ ଜୋନରେ ସଂପୂର୍ଣ୍ଣ ଭାବେ ଲକଡାଉନ ଜାରି ରହିବ । ଅଗଷ୍ଟ ୧ ତାରିଖଠାରୁ ୩୧ ତାରିଖ ଯାଏଁ ଗାଇଡଲାଇ ଜାରି କରିବା ଅବସରରେ ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା ସାମ୍ବାଦିକ ସମ୍ମିଳନୀରେ ଆଜି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, କଂଟେନମେଂଟ ଜୋନରୁ ପ୍ରବେଶ-ପ୍ରସ୍ଥାନ ଉପରେ ପୂରା କଟକଣା ରହିବ । ଏଠାରେ ରହୁଥିବା ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ।

ଶ୍ରୀ ଜେନା କହିଛନ୍ତି, ଆସନ୍ତାକାଲି ଠାରୁ ଅଗଷ୍ଟ ୩୧ ତାରିଖ ଯାଏଁ ଧାର୍ମାନୁଷ୍ଠାନରେ ନୀତି ଚାଲିବ କିନ୍ତୁ ସାଧାରଣ ଲୋକଙ୍କ ପ୍ରବେଶକୁ ଅନୁମତି ଦିଆଯିବ ନାହିଁ । ସେହିଭଳି ଅନ୍ତର୍ଜାତୀୟ ବିମାନ ମଧ୍ୟ ଚଳାଚଳ କରିବ ନାହିଁ । ସାମାଜିକ କାର୍ଯ୍ୟକ୍ରମ, ରାଜନୈତିକ ସଭା, ଖେଳକୁଦ, ମନୋରଂଜନ କାର୍ଯ୍ୟକ୍ରମ ବନ୍ଦ ରହିବ । ସିନେମା ହଲ ଓ ସୁଇମିଂ ପୁଲ ବନ୍ଦ ରହିବ । ସେହିପରି ଅଗଷ୍ଟ ୩୧ ଯାଏଁ ସ୍କୁଲ ଓ କଲେଜ ଏବଂ କୋଚିଂ ସେଣ୍ଟରଗୁଡ଼ିକ ବନ୍ଦ ରହିବ । କିନ୍ତୁ ଶିକ୍ଷାନୁଷ୍ଠାନରେ ପରୀକ୍ଷା କରାଯିବା ସହ ଖାତା ଦେଖାଯାଇପାରିବ । ତେବେ ଅଗଷ୍ଟ ୫ ତାରିଖ ଠାରୁ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଓ ଜିମ ଗୁଡ଼ିକ ଖୋଲିବା ପାଇଁ ମଧ୍ୟ ଅନୁମତି ମିଳିବ । ତେବେ ଏଥିଲାଗି କେନ୍ଦ୍ର ସରକାର ଜାରି କରିବାକୁ ଥିବା ଏସଓପି ପାଳନକୁ କଡାକଡି କରାଯିବ । କୋଭିଡ ନିୟମ ପାଳନ କରି ସେଲୁନ ଓ ସ୍ପା ଖୋଲାଯାଇପାରିବ । ବାହଘରରେ କୌଣସି ପ୍ରକାରରେ ୫୦ରୁ ଅଧିକ ଲୋକ ରହିପାରିବେ ନାହିଁ । ବର, କନ୍ୟା ପକ୍ଷ ସମସ୍ତଙ୍କୁ ମିଶାଇ ୫୦ ଜଣ ଲୋକ ଉପସ୍ଥିତ ରହିପାରିବେ । ଶୁଦ୍ଧିକ୍ରିୟା କାର୍ଯ୍ୟରେ ୨୦ରୁ ଅଧିକ ଲୋକଙ୍କୁ ଏକତ୍ର ହେବା ପାଇଁ ଅନୁମତି ମିଳିବ ନାହିଁ । ବାହାଘର ଓ ଶୁଦ୍ଧିକ୍ରିୟାରେ ନିୟମ ଉଲ୍ଲଂଘନ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ।

ରାଉରକେଲା ଆଇଜିଏଚ୍‌ରେ ପ୍ଲାଜମା ବ୍ୟାଙ୍କ୍ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ରାଜ୍ୟରେ ୭୦ ୟୁନିଟ୍ ପ୍ଲାଜମା ସଂଗୃହୀତ, ୮ ଜଣ ସୁସ୍ଥ, ୧୭ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି

ଭୁବନେଶ୍ୱର,୩୧।୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ରାଜ୍ୟର ତୃତୀୟ ତଥା ପଶ୍ଚିମ ଓଡିଶାର ପ୍ରଥମ ପ୍ଲାଜ୍‌ମା ବ୍ୟାଙ୍କ ରାଉରକେଲାର ଆଇଜିଏଚ୍ ଠାରେ ଉଦ୍‌ଘାଟନ କରିଛନ୍ତି । ଏହାଦ୍ୱାରା ପଶ୍ଚିମ ଓଡିଶାରେ ଗୁରୁତର କୋଭିଡ ରୋଗୀମାନଙ୍କ ଚିକିତ୍ସାରେ ଅଧିକ ସଫଳତା ଆସିପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆଶାପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାରା ବିଶ୍ୱ ବର୍ତମାନ କରୋନା ମହାମାରୀର ସାମ୍ନା କରୁଥିବା ବେଳେ ଅଗଣିତ କୋଭିଡ ରୋଗୀଙ୍କ ପାଇଁ ପ୍ଲାଜମା ଥେରାପି ଏକ ଆଶାର କିରଣ ହୋଇପାରିଛି । ଓଡିଶାରେ ପ୍ଲାଜମା ଥେରାପି ଏକ ସଫଳ ଚିକିତ୍ସା ପଦ୍ଧତି ରୂପେ ବିଶ୍ୱାସ ସୃଷ୍ଟି କରିଛି । ଏଥିପାଇଁ, ସାରା ରାଜ୍ୟର ଲୋକଙ୍କ ଉତମ ଚିକିତ୍ସା ଯୋଗାଇବା ପାଇଁ ଆମର ପ୍ରତିଶ୍ରୁତିବଦ୍ଧତାକୁ କାର୍ଯ୍ୟକାରୀ କରିବାକୁ ଯାଇ ପ୍ଲାଜମା ଥେରାପିକୁ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ସଂପ୍ରସାରିତ କରିବାକୁ ଆମେ ନିଷ୍ପତି ନେଇଛୁ । କଟକ-ଭୁବନେଶ୍ୱରରେ ଏହାର ସଫଳ ପ୍ରୟୋଗ ପରେ ପଶ୍ଚିମ ଓଡିଶାରେ ତୃତୀୟ ପ୍ଲାଜମା ବ୍ୟାଙ୍କ ଉଦ୍‌ଘାଟିତ ହେବା ଖୁସିର କଥା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ପଦ୍ଧତି ଉପରେ ଜନସାଧାରଣଙ୍କର ବହୁତ ଆଶା ଓ ବିଶ୍ୱାସ ଥିବାରୁ ରାଉରକେଲା ଆଇଜିଏଚ୍‌ର ଦାୟିତ୍ୱ ଆଜି ଅନେକ ପରିମାଣରେ ବଢିଯାଇଛି ▶▶ପୃଷ୍ଠା ୭

ଶନିବାର ସବୁ ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର,୩୧।୭ (ନି.ପ୍ର): ଅନ୍ ଲକ୍ ୩ ସମୟରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପାଇଁ ଗାଇଡଲାଇନ ଜାରି କରିଛନ୍ତି ରାଜ୍ୟ ସରକାର । ପ୍ରତି ସପ୍ତାହର ଶନିବାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ।କାର୍ଯ୍ୟାଳୟରେ ମାସ୍କ ପିନ୍ଧି ଓ ସାମାଜିକ ଦୂରତା ପାଳନ କରି କାମ କରିବାକୁ ହେବ । ନିୟମ ବିରୋଧରେ ଗଲେ ଅଫିସର ମୁଖ୍ୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଅଗଷ୍ଟ ମାସରେ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ କାମ କରାଯିବ । ଗ୍ରୁପ-ଏ ସହ ସମସ୍ତ କର୍ମଚାରୀଙ୍କୁ ମିଶାଇ ୫୦ ପ୍ରତିଶତ ହେବା ଦରକାର । କରୋନା ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି ।

ଆନ୍ଧ୍ରରେ ସାନିଟାଇଜର ପିଇ ୧୩ ମୃତ

ଅମରାବତୀ,୩୧।୭ (ନି.ପ୍ର): ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାର କୁରିଚେଡୁ ରେ ସାନିଟାଇଜର ପିଇବାରୁ ୧୩ ଜଣଙ୍କର ମୃତ୍ୟୁ ଘଟିଛି । ଲକ୍ ଡାଉନ୍ ଯୋଗୁଁ ରାଜ୍ୟର ସମସ୍ତ ମଦ ଦୋକାନ ବନ୍ଦ ଥିବା ବେଳେ ମୃତକମାନେ ସ୍ଥାନୀୟ ଦୋକାନ ରୁ ସାନିଟାଇଜର ▶▶ପୃଷ୍ଠା ୭

ଅଗଷ୍ଟ ୫ରେ ଲଘୁଚାପ

ଭୁବନେଶ୍ୱର,୩୧।୭ (ନି.ପ୍ର): ଆସନ୍ତା ଅଗଷ୍ଟ ୪ ତାରିଖ ବେଳକୁ ଉତର ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବ ଏବଂ ପୁରା ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ୪ ଅଗଷ୍ଟ ବେଳକୁ ବାୟୁ ମଣ୍ଡଳୀୟ ଚାପର ତାରତମ୍ୟ ଯୋଗୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ରେ ଘଂଟା ପ୍ରତି ୪୦ କିମି ରୁ ୫୦କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ, ଏହି ସମୟରେ ମତ୍ସ୍ୟଜୀବୀ ମାନଙ୍କୁ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ମଧ୍ୟକୁ ମାଛ ମାରିବାକୁ ବାରଣ କରାଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ବର୍ଷା ସହ ବଜ୍ରପାତ ସମ୍ଭାବନା ଥିବା ୧୩ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡିକ ହେଲା ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ।

ପଂଜାବରେ ବିଷାକ୍ତ ମଦ ପିଇ ୨୪ ଜଣଙ୍କର ମୃତ୍ୟୁ

ଚଣ୍ଡିଗଡ,୩୧।୭ (ନି.ପ୍ର): ପଂଜାବର ସୀମାବର୍ତ୍ତୀ ଜିଲ୍ଲା ଅମୃତସର, ତରନତାରନ ଓ ଗୁରୁଦାସପୁରରେ ବିଷାକ୍ତ ମଦ ପିଇ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୨ ଜଣଙ୍କର ସ୍ଥିତି ଗୁରୁତର ରହିଛି । ଏହି ଘଟଣା ସାମନାକୁ ଆସିବା ପରେ ପଂଜାବର ମୁଖ୍ୟମନ୍ତ୍ରୀ କ୍ୟାପ୍ଟେନ ଅମରିନ୍ଦର ସିଂହ ଜାଂଚ ପାଇଁ ଏସଆଇଟି ଗଠନ କରିଛନ୍ତି । ଏହି ମାମଲାରେ ଜଣେ ଥାନା ଅଧିକାରୀଙ୍କୁ ନିଲମ୍ବିତ କରା ଯାଇଛି । ଗୁରୁବାର ରାତ୍ରୀରୁ ଶୁକ୍ରବାର ସକାଳ ଯାଏ ଅମୃତସର ଜିଲ୍ଲାର ୧୧ ଜଣ, ତରନତାରନରେ ୭ ଜଣ ଓ ଗୁରୁଦାସପୁରରେ ୬ ଜଣ ମୃତ୍ୟୁବରଣ କରିଛନ୍ତି ।

ପୁଣି ଫେରିଲା ନାଇଟ୍ କର୍ଫ୍ୟୁ÷ ସପ୍ତାହନ୍ତ ସଟ୍ ଡାଉନ୍

ଭୁବନେଶ୍ୱର, ୩୧ ଜୁଲାଇ - କରୋନା ମୁକାବିଲା ପାଇଁ ପୁଣି ଫେରିଛି ନାଇଟ୍ କର୍ଫ୍ୟୁ । ପୂର୍ବ ଭଳି ରାତି ୯ଟାରୁ ସକାଳ ୫ଟା ଯାଏଁ ରାତ୍ରିକାଳିନ କର୍ଫ୍ୟୁ ଜାରି ରହିବ ଓ ଦିନବେଳା ପୂର୍ବ ପରି ସମସ୍ତ ବ୍ୟାବସାୟିକ ଅନୁଷ୍ଠାନ, ସରକାରୀ-ବେସରକାରୀ ଅଫିସ, ଶିଳ୍ପ ଅନୁଷ୍ଠାନ ଖୋଲା ରହିବ । ସେହିପରି ଅଗଷ୍ଟ ଦ୍ୱିତୀୟ ସପ୍ତାହରୁ ସପ୍ତାହନ୍ତ ସଟ୍ ଡାଉନ୍ ଲାଗୁ ହେବ । ଗଂଜାମ, ଖୋର୍ଦ୍ଧା, ଗଜପତି, କଟକ ଓ ରାଉରକେଲା ମହାନଗର ନିଗମରେ ସପ୍ତାହନ୍ତ ସଟଡାଉନ କଟକଣା ରହିବ । ଶିଳ୍ପ ଓ କାରଖାନା ଓ ନିର୍ମାଣ କାମ ପୂର୍ବଭଳି ଚାଲୁ ରହିବ । ଜାତୀୟ ରାଜପଥ କଡ଼ ଢାବାରୁ ଖାଦ୍ୟ ପୁଡ଼ିଆ ନେଇହେବ । ସଟଡାଉନରେ ପୂର୍ବର କଟକଣା ଜାରି ରହିବ ବୋଲି ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ କୁମାର ଜେନା ଘୋଷଣା କରିଛନ୍ତି । ▶▶ପୃଷ୍ଠା ୭

ରାଜ୍ୟରେ ଆଉ ଆଠ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୭୭

ଭୁବନେଶ୍ୱର,୩୧।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୮ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୭୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଚାରି ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଖୋର୍ଧା, ନୟାଗଡ, ଗଜପତି ଓ ସୁନ୍ଦରଗଡର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ୮୧ ବର୍ଷ ବୟସ୍କ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ । ସେହିପରି ଖୋର୍ଧା ଜିଲ୍ଲାର ଜଣେ ୭୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୪୯ ବର୍ଷ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାର ଜଣେ ୮୨ ବର୍ଷୀୟ ମହିଳାଙ୍କର କରୋନରେ ମୃତ୍ୟୁ ଘଟିଛି । ସେ ଡାଇବେଟିସ, ହାଇପର ଟେନସନ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଜପତି ଜିଲ୍ଲାର ୫୮ ବର୍ଷୀୟା କରୋନା ଆକ୍ରାନ୍ତ ମହିଳାଙ୍କର ମୃତ୍ୟୁ ଘଟିଛି । ସୁନ୍ଦରଗଡର ୫୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଡାଇବେଟିସରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ ଓ ୭୩ ବର୍ଷୀୟା ପୁରୁଷଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

କୋରାପୁଟ ଜିଲ୍ଲାରେ ବର୍ଷାର ଦେଖା ନାହିଁ : ଉଠା ଜଳସେଚନ ପଏଂଟ ୧୩୬୬ରୁ ୨୧୭ ଅଚଳ

ଅଧିକାଂଶ ଚାଷଜମି ସୁଖିଲା ପଡିଛି

ଜୟପୁର,୩୧।୭ (ନି.ପ୍ର): କୋରାପୁଟ ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗରେ ଥିବା ୧୩୬୬ ଟି ଉଠା ଜଳସେଚନ ପଏଂଟ ମଧ୍ୟରୁ ୨୧୭ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ଏହି ଉଠା ଜଳସେଚନ ପଏଂଟ ମଧ୍ୟରୁ ପାଖା ପାଖି ୭ ହଜାର ହେକ୍ଟର ଜମିରେ ଜଳସେଚନ ହୋଇପାରିନଥିବା ଜଣାଯାଇଛି । ଫଳରେ ଜିଲାରେ ଥିବା ଅଧିକାଂଶ ଜମି ଚାଷ ନହୋଇ ସୁଖିଲା ପଡିରହିଛି । ଜିଲାରେ ଚାଷ ଜମି ୮ ଲକ୍ଷ ୮୧ ହଜାର ହେକ୍ଟର ଭୌଗଳିକ ସ୍ଥିତ ରହିଥିବା ବେଳେ ୩ ଲକ୍ଷ ୧୧୫୦୦ ହେକ୍ଟର ଚାଷ ଜମି ରହିଛି । ଏହି ଜମି ମଧ୍ୟରୁ ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ଚାଷ କରାଯାଉଛି । ତନ୍ମଧ୍ୟରୁ ଉଚ୍ଚା ଜମି ୧୮୩ ୯୯୦ ହେକ୍ଟର, ମଝିଆ ଜମି ୭୮.୫୩୦ ହେକ୍ଟର ଓ ଖାଲ ଜମି ୩୩.୪୮୦ ହେକ୍ଟର ଚାଷ ଜମି ରହିଛି । ଏହି ଜମି ମଧ୍ୟରୁ ୯୩୩୬୮ ହେକ୍ଟର ଜମିରେ ଜଳସେଚିତ ଜମି ରହିଛି । କିନ୍ତୁ, ଅନ୍ୟ ଜମି ବର୍ଷା, ଝରଣା, ଉଠା ଜଳସେଚନ, ନଳକୂପ ଉପରେ ନିର୍ଭର କରନ୍ତି । ଜିଲାରେ ଜଳସେଚନର ବ୍ୟବସ୍ଥା ପାଇଁ ଉଠା ଜଳସେଚନ ବିଭାଗ ରହିଛି । ଜିଲାର କୋରାପୁଟରେ ୪୨ଟି ଉଠା ଜଳ ସେଚନ ପଏଂଏ ରହିଥିବା ବେଳେ ସେମିଳିଗୁଡାରେ ୧୫୪, ନନ୍ଦପୁରରେ ୨୦, ପଟାଙ୍ଗିରେ ୩୨, ଲକ୍ଷ୍ମୀପୁରରେ ୧୦୧, ଦଶମନ୍ତପୁର ବ୍ଲକରେ ୯୬, ବନ୍ଧୁଗାଁ ବ୍ଲକରେ ୧୭୫, ନାରାୟଣପାଟଣା ବ୍ଲକରେ ୬୭, ଜୟପୁର ବ୍ଲକରେ ୯୯, ଲମତାପୁଟ ବ୍ଲକରେ ୩୪, ବୈପାରିଗୁଡା ବ୍ଲକରେ ୬୮, କୁନ୍ଦୁରା ବ୍ଲକରେ ୧୮୯, ବୋରିଗୁମ୍ଫା ବ୍ଲକରେ ୧୭୭ ଓ କୋଟପାଡ ବ୍ଲକରେ ୧୧୨ଟି ପଏଂଟ ରହିଛି । ସେଥି ମଧ୍ୟରୁ କୋରାପୁଟ ବ୍ଲକରେ ୩୬ଟି ସଚଳ ଥିବା ବେଳେ ୬ଟି ଅଚଳ ରହିଛି । ସେମିଳିଗୁଡା ବ୍ଲକରେ ୧୧୮ଟି ସଚଳ ଥିବା ବେଳେ ୩୬ଟି ଅଚଳ ରହିଛି । ନନ୍ଦପୁର ବ୍ଲକରେ ୧୬ଟି ସଚଳ ଥିବା ବେଳେ ୪ଟି ପଏଂଟ ଅଚଳ ରହିଛି । ପଟାଙ୍ଗି ବ୍ଲକରେ ୧୮ଟି ପଏଂଟ ସଚଳ ଥିବା ବେଳେ ୧୪ଟି ଅଚଳ ରହିଛି । ଲକ୍ଷ୍ମୀପୁର ବ୍ଲକରେ ୭୪ଟି ସଚଳ ରହିଥିବା ବେଳେ ୨୭ଟି ଅଚଳ ରହିଛି । ଦଶମନ୍ତପୁର ବ୍ଲକରେ ୭୫ଟି ସଚଳ ଥିବା ବେଳେ ୨୧ଟି ଅଚଳ ରହିଛି । ବନ୍ଧୁଗାଁ ବ୍ଲକରେ ୧୩୮ଟି ସଚଳ ଥିବା ବେଳେ ୩୭ ଅଚଳ ରହିଛି । ନାରାୟଣପାଟଣା ବ୍ଲକରେ ୫୫ଟି ସଚଳ ଥିବା ବେଳେ ୧୨ଟି ଅଚଳ ରହିଛି । ଜୟପୁର ବ୍ଲକରେ ୭୪ଟି ସଚଳ ଥିବା ବେଳେ ୨୫ଟି ଅଚଳ ରହିଛି । ଲମତାପୁଟ ବ୍ଲକରେ ୨୯ଟି ସଚଳ ଥିବା ବେଳେ ୫ଟି ଅଚଳ ରହିଛି । ବୈପାରିଗୁଡା ବ୍ଲକରେ ୬୬ଟି ସଚଳ ଥିବା ବେଳେ ୨ଟି ଅଚଳ ରହିଛି । କୁନ୍ଦୁରା ବ୍ଲକରେ ୧୫୬ଟି ସଚଳ ଥିବା ବେଳେ ୩ଟି ଅଚଳ ରହିଛି । ସେହିପରି ବୋରିଗୁମ୍ଫା ବ୍ଲକରେ ୧୫୭ଟି ସଚଳ ଥିବା ବେଳେ ୨୦ଟି ଅଚଳ ଏବଂ କୋଟପାଡ ବ୍ଲକରେ ୧୦୭ଟି ପଏଂଟ ସଚଳ ଥିବା ବେଳେ ୫ଟି ଅଚଳ ରହିଛି । ଏପରି ଭାବେ ଜିଲାରେ ମୋଟ୍ ୧୩୬୬ ପଏଂଟରୁ ୨୧୭ଟି ପଏଂଟ ଅଚଳ ରହିଥିବା ବିଭାଗ କହୁଥିବା ବେଳେ ଏହା ଠାରୁ ଅଧିକ ପଏଂଟ ଦୀର୍ଘ ବର୍ଷ ହେଲାଣି ଅଚଳ ହୋଇ ପଡି ରହିଛି । ଏହା ସହ ଜିଲାରେ ଥିବା ୧୫୯୪ଟି ନଳକୂପ ମଧ୍ୟରୁ ୧୦୧ଟି ଅଚଳ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ଉଠା ଜଳସେଚନ ବିଭାଗ ତରଫରୁ ଖରିଫ ଓ ରବି ଋତୁରେ ଜମିକୁ ଜଳସେଚନ ବ୍ୟବସ୍ଥା ଥିବା ବେଳେ ୨୧୭ଟି ପଏଂଟ ଖରାପ ହୋଇ ପଡିଥିବାରୁ ପାଖା ପାଖି ୭ ହଜାର ହେକ୍ଟର ଜମିରେ ଜଳସେଚନ ର ବ୍ୟବସ୍ଥା ହୋଇପାରୁ ନାହିଁ । ଜିଲାର ଜୟପୁର ଉପଖଣ୍ଡରେ କୋଲାବ ବହୁମୁଖୀ ଯୋଜନା ମାଧ୍ୟମରେ ଜୟପୁର, ବୋରିଗୁମ୍ଫା ଓ କୋଟପାଡ ବ୍ଲକରେ ଥିବା ଅଧିକାଂଶ ଜମି ଜଳସେଚିତ ହୋଇଥିବା ବେଳେ ବୈପାରିଗୁଡା, କୁନ୍ଦୁରା ଓ କୋରାପୁଟ ଉପଖଣ୍ଡରେ ଜଳସେଚନର ବ୍ୟବସ୍ଥା ନଥିବାରୁ ଅନ୍ୟ ଜଳ ଉତ୍ସ, ଝରଣା, ଉଠା ଜଳସେଚନ, ନଳକୂପ ଆଦି ଉପରେ ନିର୍ଭର କରନ୍ତି । ଚଳିତ ଖରିଫ ଋତୁରେ ୨ ଲକ୍ଷ ୯୬ ହଜାର ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ ଲାଗି କୃଷି ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତି କରାଯାଉଛି । ଏଥି ମଧ୍ୟରୁ ଧାନ ଚାଷ ୯୯ ହଜାର ହେକ୍ଟର ଜମିରେ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ମକା, ଯଅ, ବାଜରା, ମାଣ୍ଡିଆ, ଛୋଟ ଶସ୍ୟ ଜମିରେ ଚାଷ କରାଯିବାକୁ ପ୍ରସ୍ତୁତି ବି ହୋଇଛି । ଡାଲି ଜାତୀୟ ଫସଲ, ତୈଳବୀଜ ଜାତୀୟ ଫସଲ, ଝୋଟ ତନ୍ତୁ ଜାତିୟ, ପନିପରିବା, ମସଲା ଜାତିୟ, ଆଖୁ , ମରିଚ, ହଳଦି ଓ ଅଦା, ଲେମନ ଗ୍ରାସ ଜମିରେ ଚାଷ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲାରେ ୩୦ ପ୍ରକାରର ଖାଦ୍ୟ ଶସ୍ୟ ୨ ଲକ୍ଷ ୯୬ ହଜାର ହେକ୍ଟର ଚାଷ କରାଯିବ । ଖରିଫ ଋତୁରେ ଚାଷୀ ମାନଙ୍କୁ ୨୦୮ଟି ଡିଲର ଓ ୨୦ଟି ଲ୍ୟାମ୍ପ ଜରିଆରେ ଧାନ ବିହନ ୧୬୬୭୦ କ୍ୱିଂଟାଲ ବିହନ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବିହନ ମଧ୍ୟରେ ମାଣ୍ଡିଆ, ମୁଗ, ହରଡ଼, ନାଇଜେର ରାଶି, ଚିନାବାଦାମ ଆଦି ରହିଥିବା ଜଣାଯାଇଛି । ସେହିପରି ଫସଲର ଅଧିକ ଅମଳ ନିମନ୍ତେ ୩୦ ହଜାର ୨ ଶହ ମେଟ୍ରିକ ଟନ୍ ନାଇଟ୍ରଜେନ, ଫସଫରସ୍, ପଟାସ ଆଦି ସାର ଯୋଗାଇ ଦିଆଯିବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି । ଏହି ସବୁ ସାର ୨୧୮ଟି ଡିଲର ଦ୍ୱାରା ଚାଷିଙ୍କୁ ଉପଲବ୍ଧ କରାଯିବା ନେଇ ଖସଡ଼ା ପ୍ରସ୍ତୁତି କରାଯାଇଛି । ୨୦୨୦ ଖରିଫ ଋତୁରେ ୯୪ ହଜାର ୧୫୩ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ରହିଥିବା ବେଳେ ଅନ୍ୟ ଜମି ବର୍ଷା ଜଳ, ଝରଣା, ନଳକୂପ, ଗଭିର କୂପ , ଉଠା ଜଳସେଚନ ଆଦି ଉପରେ ନିର୍ଭର କରେ । ୪୨ ହଜାର ୪୫୬ ହେକ୍ଟର ଜମି ବୃହତ ଜଳସେଚନ ଅଧିନରେ ଆସୁଥିବା ବେଳେ ସାଢେ ୫ ହଜାର ହେକ୍ଟର ଜମିରେ କ୍ଷୁଦ୍ର ଜଳ ସେଚନ ସୁବିଧା ରହିଛି । ୨୦ ହଜାର ହେକ୍ଟର ଜମିକୁ ଉଠା ଜଳ ସେଚନ ଜରିଆରେ ପାଣି ଯୋଗାଇ ଦିଆଯାଉଛି । ଏ ସମ୍ପର୍କରେ ନିବାହି ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅଚଳ ହୋଇଥିବା ପଏଂଟକୁ ସଚଳ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ମରାମତି ପାଇଁ ସରକାରଙ୍କ ନିର୍ଦ୍ଦେଶ ଆସିଲେ ତୁରନ୍ତ ସଚଳ କରାଯିବ ।

କନ୍ଧମାଳ ଜିଲ୍ଲାର ମାଟ୍ରିକ୍ ଟପ୍ପର ମିନାକ୍ଷୀଙ୍କ ଉଚ୍ଚଶିକ୍ଷା ପାଇଁ ସହଯୋଗର ହାତ ବଢ଼ାଇଲା ବନବାସୀ ସେବା ସମିତି

କନ୍ଧମାଳ,୩୧।୭ (ନି.ପ୍ର): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୯୨.୬ ପ୍ରତିଶତ ନମ୍ବର ରଖି କନ୍ଧମାଳ ଜିଲ୍ଲାରେ ଟପ୍ପର ହୋଇଥିବା ଛାତ୍ରୀ ମିନାକ୍ଷୀ ମଲ୍ଲିକଙ୍କ ଉଚ୍ଚଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତାବ ଦେଇଛନ୍ତି ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତି । ଏହି ପ୍ରସ୍ତାବକୁ ଜିଲ୍ଲାରେ ଅନେକ ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ମହଲରେ ପ୍ରଶଂସା କରାଯାଇଛି । କନ୍ଧମାଳ ଜିଲ୍ଲାର ପଛୁଆ ଅଂଚଳ ଭାବେ ପରିଚିତ ମହାସିଙ୍ଗ ପଚାଂୟତର ଗୋଇବାନ୍ଦା ଗ୍ରାମର ରାଜୀବଲୋଚନ ମଲ୍ଲିକ ଓ ମାଆ ନିଳନ୍ତୀ ମଲ୍ଲିକଙ୍କ ଝିଅ ମିନାକ୍ଷୀ ଜଣେ ଚାଷୀ ପରିବାରରୁ ଆସିଛନ୍ତି । ସେ ଗୋଇବାନ୍ଦା ପ୍ରାଥମିକ ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଶେଷ କରିବା ପରେ ତୁମୁଡ଼ିବନ୍ଧ ଜଲେଶପଟା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ । ଆର୍ଥିକ ଅନାଟନ ସତ୍ତ୍ୱେ ଝିଅର ପାଠ ପଢ଼ା ପ୍ରତି କେବେହେଲେ ଅବହେଳା କରିନାହାଁନ୍ତି ପରିବାର ଲୋକେ । ବାପା ରାଜୀବ ଜଣେ କ୍ଷୁଦ୍ର ଚାଷୀ ଭାବେ ଯାହାକିଛି ରୋଜଗାର କରନ୍ତି ସେଥିରେ ପରିବାରର ୬ ପ୍ରାଣୀ କୁଟୁମ୍ବ ଚଳିଥାନ୍ତି । ମିନାକ୍ଷୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ୫୫୬ ନମ୍ବର ରଖି କନ୍ଧମାଳ ଜିଲ୍ଲାରେ ଟପ୍ପର ହୋଇଛନ୍ତି । ଯାହାକୁ ନେଇ ପରିବାର ଲୋକେ ଓ ଅଂଚଳବାସୀ ବେଶ୍ ଖୁସି ଜାହିର୍ କରିଛନ୍ତି । ମିନାକ୍ଷୀଙ୍କ ଏଭଳି ସଫଳତା ପରେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି । ଏବେ ବନବାସୀ ସେବା ସମିତି ସହଯୋଗର ହାତ ବଢ଼ାଇଥିବାରୁ ଆଗକୁ ତାଙ୍କର ଡ଼ାକ୍ତର ହେବାର ସ୍ୱପ୍ନ ସାକାର ହେବ ବୋଲି ଆଶା ରଖିଛନ୍ତି ମିନାକ୍ଷୀ ।

ତାମିଲନାଡୁରୁ ନୂଆପଡା ଜିଲ୍ଲାର ୧୨ ଜଣ ଯୁବତୀ ଉଦ୍ଧାର

ନୂଆପଡା,୩୧।୭ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରବାସୀ ଓଡିଆ ଯୁବତୀ ମାନେ ସୁଦୂର ତାମିଲନାଡୁ ରାଜ୍ୟର ତ୍ରିପୁରରୁ ଗୁରୁବାର ନୂଆପଡା ଜିଲ୍ଲାକୁ ପ୍ରତ୍ୟାବର୍ତନନ କରିଛନ୍ତି । ଏହି ଯୁବତୀ ମାନେ ତ୍ରିପୁର ଠାରେ ଏକ ଟେକ୍ସଲାଇଲ୍ସ କମ୍ପାନୀରେ କାମ କରୁଥିଲେ । ହେଲେ ମହାମାରୀ କରୋନା ଲକଡାଉନ ପରେ ପରେ ସେମାନେ ଫସି ରହିଥିବା ବେଳେ ସେମାନଙ୍କୁ ଉଦ୍ଧାର ସକାଶେ ନୂଆପଡା ଜିଲ୍ଲା ପ୍ରଶାସନଙ୍କୁ ଅନେକ ନିବେଦନ କରିଥିଲେ । ହେଲେ କୌଣସି ସୁଫଳ ମିଳିନଥିଲା । ଶେଷରେ ଏହି ଯୁବତୀ ମାନଙ୍କୁ ଜିଲ୍ଲା ପ୍ରେସ କ୍ଲବର ଉଦ୍ୟମରେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଏହି ୧୨ ଜଣ ଯୁବତୀ ଶେଷରେ ଖଡିଆଳ ଠାରେ ପହଂଚିଛନ୍ତି । ଏହି ଉଦ୍ଧାର ଯୁବତୀ ହେଲେ ସିନାପାଲି ବ୍ଲକର ୫ ଜଣ, ଖଡିଆଳ ବ୍ଲକର ୨ ଜଣ, ନୂଆପଡା ବ୍ଲକର ୪ ଜଣ ଏବଂ ବୋଡେନ ବ୍ଲକର ଜଣେ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଏହି ଯୁବତୀ ମାନଙ୍କୁ ସେମାନଙ୍କ ଗ୍ରାମକୁ ପହଂଚାଇବାର ବ୍ୟବସ୍ଥା କରିବାକୁ ପ୍ରଶାସନକୁ ଅନୁରୋଧ ସତ୍ତ୍ୱେ କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି । ଶେଷରେ ସେମାନେ ସେମାନଙ୍କ ଉଦ୍ୟମରେ ନିଜ ଗ୍ରାମକୁ ଫେରିଛନ୍ତି । ଏନେଇ ନୂଆପଡା ଉପଜିଲ୍ଲାପାଳ ତରଣୀସେନ ନାଏକ ବ୍ଲକକୁ ଆସିବା ଖର୍ଚ୍ଚ ଶ୍ରମ ବିଭାଗ ପକ୍ଷରୁ ଫେରସ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ସାହିରାସ୍ତା ଫାଟି ଆଁ : ବିପଦ ସଂକୁଳ ପରିସ୍ଥିତିରେ ଯାତାୟତ କରୁଛନ୍ତି ଗ୍ରାମବାସୀ

ଭଦ୍ରକ, ୩୧/୭ (ହି.ସ.) - ସରକାର ଗ୍ରାମା ଳରେ ବସବାସ କରୁଥିବା ଲୋକମାନଙ୍କର ମୌଳିକ ସୁବିଧା ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ଡିଣ୍ଡିମ ପିଟୁଥିବାବେଳେ ଏହି ଅର୍ଥର ସଦୁପଯୋଗ ସଠିକ୍ ଭାବରେ ହେଉନଥିବା ପରିଲକ୍ଷିତ ହେଉଛି । ଏହିପରି ଉଦାହରଣ ରାଉତସାହି ଓ ଧଳସାହିକୁ ଦେଖିଲେ ଅନୁମାନ କରିହେବ । ଏହି ଜିଲାର ବନ୍ତ ବ୍ଲକ୍ ବଡବର୍ଚ୍ଚିକୟାଁ ପଂଚାୟତ ନଂ୧ମ୍ବର ୱାର୍ଡ ଅନ୍ତର୍ଗତ ଏହି ଦୁଇ ସାହି । ଏହି ଦୁଇ ସାହି ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ନଜର ଆଢୁଆଳରେ ରହିଯାଇଛି । ସାମାନ୍ୟ ମୌଳିକ ସୁବିଧା ସୁଯୋଗ ପାଇବାରୁ ସେମାନେ ବଂଚିତ ହୋଇଆସୁଛନ୍ତି । ଏହି ଛୋଟିଆ ଦୁଇସାହି ଯାହାର ଲୋକସଂଖ୍ୟା ପାଖାପାଖି ୩ ଶହ । ମାତ୍ର ଏଠାକୁ ଭଲ ରାସ୍ତାଟିଏ ନାହିଁ । ଆଗରପଡା-ଭଦ୍ରକ ପୂର୍ତ ବିଭାଗ ରାସ୍ତାର ବିଶଲକଣା ଛକ ଠାରୁ ବାଙ୍କତିରା ପର୍ଯ୍ୟନ୍ତ ଲମ୍ବିଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତାର ଆପ୍ତିରା ଛକ ହନୁମାନ ମନ୍ଦିର ପାଖରୁ ଏକ ରାସ୍ତା ଏହି ଗାଁକୁ ସଂଯୋଗ କରୁଛି । ପକାରାସ୍ତାଟି ମରାମତି ଅଭାବରୁ ଫାଟି ଆଁ କରିଛି । ଯଦ୍ୱାରା ଦୁଇଚକିଆ ଯାନ ଯିବା ଦୂରେ ଥାଉ, ଖାଲି ପାଦରେ ଚାଲି ଯିବା ମଧ୍ୟ ବିପଦ ସଂକୁଳ । ଚାରିଚକିଆ ଯାନ ଯିବା, ରାସ୍ତା ସଂକୀର୍ଣ୍ଣତା ପାଇଁ ଆଦୌ ସମ୍ଭବ ନୁହେଁ । ସନ୍ଧ୍ୟାପରେ ଯିବା ଅର୍ଥ ବିପଦକୁ ଡାକି ଆଣିବା, କିନ୍ତୁ ଏହା ଉପରେ ଗାଁ ଲୋକମାନେ ଯାଆଆସ କରିଥାନ୍ତି । ଏଠାରୁ ଛାତ୍ରଛାତ୍ରୀ ଏହି ରାସ୍ତାଦେଇ ପ୍ରତିଦିନ କାଦବରାଙ୍ଗ, ବାଙ୍କତିରା, ହାଇସ୍କୁଲ, ଆପ୍ତିରା ସ୍କୁଲକୁ ଆଗରପଡା କଲେଜକୁ କୋମଳମତି ଶିଶୁ ଅଙ୍ଗନୱାଡି କେନ୍ଦ୍ରକୁ ଅଧ୍ୟୟନ ପାଇଁ ଆସିଥାନ୍ତି । ଦମକଳ କିମ୍ବା ଆମ୍ବୁଲାନ୍ସ ଖବର ପାଇ ଆସିଲେ ଏଠାରୁ ପ୍ରାୟ ୨୦୦ ମିଟର ଦୂରରେ ରହିଥାନ୍ତି । କାରଣ ଏହି ରାସ୍ତାରେ ଚାରିଚକିଆ ଗାଡି ଆସିବା ସମ୍ଭବପର ହୁଏନାହିଁ । ୧୨ ବର୍ଷ ପୂର୍ବେ ତତ୍କାଳୀନ ସରପ ସୁରେନ୍ଦ୍ର ଜେନାଙ୍କ ଉଦ୍ୟମରେ ଉକ୍ତ ସାହି ରାସ୍ତାଟି ପକ୍କାରାସ୍ତାରେ ପରିଣତ ହୋଇଥିଲା । ସେବେଠାରୁ ଆଜିପର୍ଯ୍ୟନ୍ତ ଆଉ କାହାରି ନଜର ଏହି ରାସ୍ତାରେ ପଡିନଥିବା ଗ୍ରାମର ସୁରେନ୍ଦ୍ର ରାଉତ, ଶଙ୍କର୍ଷଣ ଧଳ, ଅଭିମନ୍ୟୁ ଧଳ ଏବଂ ବଟକୃଷ୍ଣ ରାଉତ ପ୍ରମୁଖ ସାହିବାସୀ ଅଭିଯୋଗ କରିବା ସହ ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦୃଢ ଦାବି କରିଛନ୍ତି ।

ଚାନ୍ଦପୁର ଗ୍ରାମ ମୁଖ୍ୟ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ: ମରାମତି ଦାବି

ଧର୍ମଶାଳା,୩୧।୭ (ନି.ପ୍ର): ସ୍ଥାୟୀ ମରାମତି ଅଭାବରୁ ଅନେକ ଗ୍ରାମର ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହେବାରେ ଲାଗିଛି । ଏହା ଏବେ ତୁରନ୍ତ ମରାମତିର ଆବଶ୍ୟକତା ରହିଥିବା ନେଇ ଅଭିଯୋଗ ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତ ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ । ଏହି ଗ୍ରାମରେ ୨ଶହରୁ ଉର୍ଦ୍ଧ ପରିବାର ବସବାସ କରୁଛନ୍ତି । ଏବଂ ଏହି ଗ୍ରାମର ଆଂଶିକ ସ୍ଥାନର ୫୦ରୁ ଉର୍ଦ୍ଧ ପରିବାର ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଉପରେ ନିର୍ଭର କରନ୍ତି । ଏହି ନଦୀ ବନ୍ଧ ଜାରକା ଜଳସେଚନ ବିଭାଗ ଅଧିନରେ ଥିବା ବେଳେ ଏହି ନଦୀ ବନ୍ଧ ଅଧା ମରାମତି ହୋଇପଡିଛି । ଆଉ ଅଧା ରାସ୍ତା ଖାଲଖମା ଭର୍ତି ହେଇଛି । ଏହି ଖାଲଖମାରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ନଦ ବନ୍ଧ ରାସ୍ତା ଦେଇ ୨ ଟି ଉଚ୍ଚ ବିଦ୍ୟାଳୟ ଓ ବ୍ରହ୍ମବରଦା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୈନନ୍ଦିନ ଶହଶହ ରୋଗୀ ଏଠାକୁ ଆସନ୍ତି । ହେଲେ ଏହି ରାସ୍ତା ଏବେ ମରଣାୟନ୍ତା ପାଲଟିଛି । କେବଳ ସୀମା ବିବାଦ ଏହାର ମୂଳ କାରଣ ବୋଲି ଅଂଚଳବାସୀ ଦାବି କରିଛନ୍ତି । ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସୀମା ଯାଏ ଏହି ନଦୀ ବନ୍ଧକୁ ମରାମତି କରାଯାଇ ପିଚୁ କରାଯାଇଛି । ଏବଂ ବରୀ ନିର୍ବାଚନ ମଣ୍ଡଳୀର ସୀମା ଆରମ୍ଭରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ଏନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧବକାରୀ ଓ ସ୍ଥାନୀୟ ଲେଶକ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ତୁରନ୍ତ ବର୍ଷା ଦିନ ପୂର୍ବରୁ ଏହି ମୁଖ୍ୟ ରାସ୍ତା ମରାମତି କରାଯିବାକୁ ଚାନ୍ଦପୁର ଗ୍ରାମବାସୀ ଦାବି କରିଛନ୍ତି ।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଡିଏମଓ ଙ୍କ ଅଚାନକ ଗସ୍ତ : ଲାବୋରେଟୋରୀ ଟେକ୍ନିସିଆନ, ଫାର୍ମାସିଷ୍ଟ ନିଯୁକ୍ତି ପାଇଁ ନିବେଦନ

ଭୁବନ,୩୧।୭ (ନି.ପ୍ର) : ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତାରାଣୀ ମିଶ୍ର ଆଜି ଅଚାନକ ଏକ ଦିନିକିଆ ଗସ୍ତରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନରେ ଆସି ଫେରିଯାଇଛନ୍ତି । ଭୁବନ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ସେବା, ଚିକିତ୍ସା ବ୍ୟବସ୍ଥା, ଔଷଧ ବିତରଣ ଓ ପରିବେଶ ଇତ୍ୟାଦି ତଦନ୍ତ କରିଥିଲେ । ଡାକ୍ତରଖାନାର ଦକ୍ଷିଣପାର୍ଶ୍ୱରେ ଅଳିଆ ଆବର୍ଜନା ଭର୍ତି ହୋଇ ଜଙ୍ଗଲ ଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତୁରନ୍ତ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ଲାବୋରେଟୋରୀ ଟେକ୍ନିସିଆନ, ଫାର୍ମାସିଷ୍ଟ ନିଯୁକ୍ତି ଦେବା ସହିତ ରକ୍ତ ଭଣ୍ଡାର ଚାଲୁ କରିବାକୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ରମେଶ ଚନ୍ଦ୍ର ସାହୁ ସିଡିଏମଓ ଙ୍କ ନିକଟରେ ନିବେଦନ କରିଥିଲେ । ସିଡିଏମଓ ଙ୍କ ସହିତ ଡିପିଏମ ପ୍ରିୟଦର୍ଶନୀ ସାହୁ,ପିଏଚଓ ଜ୍ୟୋତିଷ କୁମାର ମହାପାତ୍ର ଗସ୍ତରେ ସାମିଲ ଥିଲେ ।

ଗରିବ କଲ୍ୟାଣ ରୋଜଗାର ଅଭିଯାନରେ ନୂଆପଡା ଜିଲାକୁ ସାମିଲ ଦାବୀ

ନୂଆପଡା,୩୧।୭ (ନି.ପ୍ର) : ନୂଆପଡା ଜିଲ୍ଲାକୁ ଗରିବ କଲ୍ୟାଣ ରୋଜଗାର ଅଭିଯାନରେ ସାମିଲ କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ପରିଷଦ ସଦସ୍ୟ ଜୋନ ନଂ ୧୧ ର ଲମ୍ବୋଦର ନିଆଲ ନୂଆପଡା ଜିଲ୍ଲାପାଳ ଡ. ମଧୁସ୍ମିତା ସାହୁଙ୍କୁ ସାକ୍ଷାତ କରି ଏହି ଦାବୀପତ୍ର ପ୍ର

ଭିନ୍ନଗ୍ରହର ପ୍ରାଣୀଙ୍କ ପାଇଁ ମଞ୍ଚ !

ଭିନ୍ନ ଗ୍ରହରେ ବାସକରୁଥିବା ମଣିଷ ଭଳି ଚତୁର ପ୍ରାଣୀ ଏକ କଳ୍ପନା ହୋଇପାରେ; ତଥାପି ଅନେକ ଏ ଭଳି ପ୍ରାଣୀଙ୍କ ଉପସ୍ଥିତିରେ ବିଶ୍ୱାସ କରନ୍ତି । କାରଣ, ସେମାନେ ବ୍ୟବହାର କରୁଥିବା 'ଉଡ଼ନ୍ତା ଥାଳିଆ' ବା ଅନ୍ୟ ବିଚିତ୍ର ମହାକାଶଯାନ ଆଦି ପୃଥିବୀକୁ ଆସୁଥିବା ମିଥ୍ୟାବୋଲି ବିଜ୍ଞାନୀମାନେ ଅଦ୍ୟାବଧି ପ୍ରମାଣିତ କରିପାରିନାହାନ୍ତି । ଏଭଳି ଅଜବ ଯାନର ଅବତରଣ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାରେ ଏକ ମଞ୍ଚ ବା ପ୍ଲାଟଫର୍ମ ଅଛି । ମଞ୍ଚଟି ଉଇସକନସିନ୍ ଅନ୍ତର୍ଗତ ପୋଲାଣ୍ଡ ସହରରେ ଅବସ୍ଥିତ । ଉଭଟ ବିଶ୍ୱାସକୁ ନେଇ ସ୍ଥାନୀୟ ଲୋକେ ହିଁ ନିଜ ଖର୍ଚ୍ଚରେ ସେଇଟିକୁ ଗଢ଼ିଥିବା ପ୍ରକାଶ । ସେମାନଙ୍କ ବିଶ୍ୱାସ ଯଦି ଭିନ୍ନ ଗ୍ରହର ଯିବ ପୋଲାଣ୍ଡ ବୁଲିବାକୁ ଆସିବେ, ନିଜର ସୁବିଧା ପାଇଁ ସେହି ମଞ୍ଚ ଉପରେ ନିଶ୍ଚିତ ଭାବେ ଓହ୍ଲାଇବେ । ଭୂମି ଉପରୁ ମଞ୍ଚଟିର ଉଚ୍ଚତା ବୟାଳିଶ ଫୁଟ୍ ଏବଂ ସେଇଟି ଲୁହାରେ ଗଢ଼ା ।

ଫ୍ରିଜରୁ ଦୂରେଇ ରଖନ୍ତୁ ଏ ସବୁ ଫଳ

ସାଧାରଣ ଅଧିକାଂଶ ଲୋକଙ୍କର ଧାରଣା ଯେ ଫ୍ରିଜରେ ଫଳ ଓ ପନିପରିବା ରଖିଲେ, ଏଗୁଡ଼ିକ ଅଧିକ ସମୟ ସତେଜ ହୋଇ ରହିଥାଏ । ହେଲେ ଅନେକାଂଶରେ ଏହା ଭୁଲ ମଧ୍ୟ ପ୍ରମାଣିତ ହୋଇଥାଏ । ଗୃହିଣୀମାନେ ସବୁବେଳେ ଧ୍ୟାନରେ ରଖିବା ଉଚିତ ଯେ କେଉଁ ଫଳଗୁଡ଼ିକୁ ଫ୍ରିଜରେ ରଖିଲେ ତାହା ଶୀଘ୍ର ନଷ୍ଟ ହୋଇଥାଏ ।

ତରଭୁଜ ଓ ଖରଭୁଜରେ ଅଧିକ ପରିମାଣରେ ଆଣ୍ଟିଅକ୍ସିହାଣ୍ଟ ଥାଏ । ସେତୁପାଇଁ ଏହି ଫଳ ଫ୍ରିଜରେ ବେଶୀ ସମୟ ରହିଲେ ତାହା ଖରାପ ହୋଇଯାଏ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ଫ୍ରିଜରେ ତରଭୁଜକୁ ୧ଘଣ୍ଟାରୁ ଅଧିକ ସମୟ ରଖିବା ଉଚିତ ନୁହେଁ ।

ସେଓକୁ ଦିନଦିନ ଧରି ଫ୍ରିଜରେ ରଖିଲେ ସେଥିରେ ଥିବା ଏନଜାଇମ ସକ୍ରିୟ ହୋଇଯାନ୍ତି, , ଫଳ ସେଥିପାଇଁ ଶୀଘ୍ର ପଚିଯାଏ ଅବଶ୍ୟ ସେଓକୁ କାଗଜରେ ଗୁଡ଼ାଇ ଫ୍ରିଜରେ ରଖିହେବ । କେବଳ ଫଳକୁ ଥଣ୍ଡା ଭାବରେ ଖାଇଥବାକୁ ଚାହୁଁଥିଲେ ଖାଇବାର ୩୦ ମିନିଟ୍ ପୂର୍ବରୁ ଫ୍ରିଜରେ ରଖନ୍ତୁ ।

କମଳା ଓ ଲେମ୍ବୁକୁ ଫ୍ରିଜରେ ରଖିଲେ ଏହାର ଚୋପାରେ ହିଁ ଜାଗ ପଡ଼ିଯାଏ । ଏହି

ଫଳଗୁଡ଼ିକରେ ସାଇଟ୍ରିକ୍ ଅମ୍ଳ ଅଧିକ ପରିମାଣରେ ଥିବାରୁ ଫ୍ରିଜର ଥଣ୍ଡାପଣକୁ ପ୍ରତିରୋଧ କରିପାରିନଥାନ୍ତି । ଫ୍ରିଜରେ ଏସବୁ ଫଳ ରଖିଲେ ଏହାର ରସ ଶୁଖିବା ସହ ସ୍ୱାଦ ମଧ୍ୟ ବଦଳିଯାଏ । ଫ୍ରିଜରେ କେବେହେଲେ ଆଳୁ କିମ୍ବା ଅଳୁରୁ ପ୍ରସ୍ତୁତ ବ୍ୟଞ୍ଜନ ରଖିବେ ନାହିଁ । ସେଠାରେ ରଖିଲେ ଏଥିରେ ଥିବା ଷ୍ଟାଚ ସୁଗାରରେ ପରିଣତ ହୋଇଥାଏ । ଏପରିକି ଆଳୁର ସ୍ୱାଦ ମଧ୍ୟ ପରିବର୍ତ୍ତନ ହୁଏ ।

ପିଆଜକୁ ଫ୍ରିଜରେ ରଖିଲେ ତାହାର ପୋଷକ ତତ୍ତ୍ୱ ଶୀଘ୍ର ନଷ୍ଟ ହୁଏ ବୋଲି ଖାଦ୍ୟ ବିଶେଷଜ୍ଞମାନେ ନିକଟରେ ପ୍ରକାଶ କରିଛନ୍ତି ।

କଦଳୀକୁ ଫ୍ରିଜରେ ରଖିଲେ ତାହା କଳା ପଡ଼ିଯାଏ । ଏହା ସହ ଫ୍ରିଜରେ ରଖିବା ଦ୍ୱାରା କଦଳୀରୁ ଇଥାଇଲିନ ଗ୍ୟାସ ନିର୍ଗତ ହୁଏ । କଦଳୀ ବାହାରେ ରହିଲେ ଅଧିକ ସମୟ ସତେଜ ରହେ ।

ଭେଣ୍ଡି ଖାଇ ସୁସ୍ଥ ରହନ୍ତୁ

- ସ୍ୱାସ୍ଥ୍ୟ ଉପଯୋଗୀ ଭେଣ୍ଡି ପରିବାଟି ନିୟମିତ ଖାଇବା ଖୁବ ଉପକାରୀ ।
- ଭେଣ୍ଡି ଖାଇଲେ ଶରୀରରେ ଲାଲ ରକ୍ତ କଣିକା ଅଧିକ ସୃଷ୍ଟି ହୁଏ ।
- ଏହାକୁ ନିୟମିତ ଭାଜି ଖାଇଲେ ଓଜନ ହ୍ରାସ ଶୀଘ୍ର ହୋଇଥାଏ ବୋଲି ଲଣ୍ଡନ ଗବେଷକଗଣ ପ୍ରକାଶ କରିଛନ୍ତି ।
- ଏଥିରେ ଭିଟାମିନ ସି ଥିବା ଯୋଗୁଁ ଶ୍ୱାସରୋଗୀଙ୍କ ପାଇଁ ଉପକାରୀ ।
- ଏହା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ । ପିଲାମାନେ ଭେଣ୍ଡି ଖାଇବା ଦ୍ୱାରା ସେମାନଙ୍କ ଦୃଷ୍ଟି ଶକ୍ତିବଢ଼େ ।
- ଏହି ପରିବା ଖାଇଲେ ହୃରୋଗ ହେବାର ଆଶଙ୍କା କମ ରହେ ।
- ଭେଣ୍ଡି ଖାଇଲେ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ ।
- କର୍କଟ ରୋଗର ଆଶଙ୍କା ମଧ୍ୟ ଏହା ଖାଇଲେ କମ ହୁଏ ।

ଦୁଭାଗ୍ୟ ଦୂର କରିବ କାକଟସ୍

ବାସ୍ତୁଶାସ୍ତ୍ର ଅନୁସାରେ କାକଟସ ଗଛ ଲଗାଇବା ପରିବାର ପାଇଁ ଖରାପ ହୋଇଥାଏ । ଏହି ଘଛ ଲଗାଇବା ଦ୍ୱାରା ସବୁ କାମରେ ବିଫଳ ହେବା ସହ ନିଜ ଭାଗ୍ୟ ମଧ୍ୟ ଆପଣଙ୍କ ହାତ ଛାଡ଼ି ଦେଇଥାଏ । କିନ୍ତୁ ଯଦି ଆପଣଙ୍କ ଘରଠାରୁ ୫୦ ମିଟର ଦୂରରେ ଦକ୍ଷିଣ ଓ ପଶ୍ଚିମ ଦିଗରେ ଏହି କାକଟସ ଗଛ ରହିଛି, ତେବେ ଏହା ଆପଣଙ୍କ ପାଇଁ ଅତ୍ୟନ୍ତ ଶୁଭଦାୟକ ହୋଇଥାଏ । ଏହା ଆପଣଙ୍କ ଭାଗ୍ୟକୁ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହୁଏ । ପଦୋନ୍ନତିରେ ଅସୁବିଧା ହେଉଥିଲେ:- ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଥିବା କାକଟସ ଗଛରେ ପ୍ରତିଦିନ କ୍ଷୀର ଓ ପାଣି ଢ଼ାଳିବା ଦ୍ୱାରା ଆପଣଙ୍କ ପଦୋନ୍ନତିର ଉପୁଜୁଥିବା ଅସୁବିଧା ସମାପ୍ତ ହୋଇଥାଏ ।

ଟେନସନ ଦୂର କରେ:- ରାତିରେ ଶୋଇବା ପୂର୍ବରୁ ଏକ ତମ୍ବା ପାତ୍ରରେ ପାଣି ରଖି ତାକୁ ସକାଳେ ଉଠିବା ପରେ କାହାସହ କଥା ନ ହୋଇ ସେହି ପାଣିକୁ ନେଇ କାକଟସ ଗଛରେ ଢ଼ାଳି ଦିଅନ୍ତୁ । ଏହାଦ୍ୱାରା ଆପଣ ଦୁର୍ଭାଗ୍ୟ ଦୂର ହୋଇଥାଏ ।

ବଦହଜମିର ଉପଚାର

କର୍ମମୟ ଜୀବନରେ ଖାଦ୍ୟ ପାନୀୟରେ ବହୁବିଧ ସମସ୍ୟା ଭୋଗ କରିବାକୁ ପଡ଼ିଥାଏ । ଯାହାଦ୍ୱାରା ପେଟଜନିତ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥାଏ ସେଥିପାଇଁ ଡାକ୍ତରଖାନାରେ ସମୟ ଦେବାକୁ ପଡ଼ିଥାଏ । ଭଲ ନହେଲେ ବହୁ ଦିନ ପର୍ଯ୍ୟନ୍ତ କଷ୍ଟ ଲାଗିରହିଥାଏ । ସେଥିରୁ ରକ୍ଷା ପାଇବପା ପାଇଁ କିଛି ଘରୋଇ ଉପଚାର:

ଡାଲଚିନି- ଡାଲଚିନି ବହୁ ଉପକାରୀ ମସଲା ମଧ୍ୟରେ ଗୋଟିଏ ହୋଇଥାଏ । ଯାହାକୁ ଗୁଣ୍ଡ କରି ଉଷୁମ ପାଣିରେ ମିଶାଇ ପିଇବା ଦ୍ୱାରା ପେଟରେ ବଦଳହଜମୀ ଜନିତ ସମସ୍ୟାକୁ ରୋକାଯାଇ ପାରିବ । ଏଥିରେ ମହୁ ମିଶାଇ ଖାଇଲେ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

ଅଦା - ବଦହଜମୀ ଜନିତ ସମସ୍ୟା ପାଇଁ ଅଦା ମଧ୍ୟ ବହୁ ଉପକାରୀ ହୋଇଥାଏ । ଅଦା ସହ ପାନ ମଧୁରୀ, ଗୁଜୁରାତି ଓ ଅଳ୍ପ ହେଙ୍ଗୁ ପାଣିରେ ମିଶାଇ ପିଇଲେ ଏହି ସମସ୍ୟା ରହେ ନାହିଁ ।

ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା - ଲେମ୍ବୁ ରସ ଓ ବେକିଙ୍ଗ ସୋଡ଼ା ଏହି ସମସ୍ୟା ପାଇଁ ଉପକାରୀ ଔଷଧ ରୂପେ କାର୍ଯ୍ୟ କରିଥାଏ । ଅଳ୍ପ ପାଣିରେ ଲେମ୍ବୁ, ବେକିଙ୍ଗ ସୋଡ଼ା ମିଶାଇ ସେବନ କରିବା ଦ୍ୱାରା ବଦହଜମୀ ଜନିତ ସମସ୍ୟାକୁ ଦୂର କରାଯାଇପାରିବ ।

ରସୁଣ- ଏହି ପେଟ ଜନିତ ସମସ୍ୟା ପାଇଁ ରସୁଣ ଔଷଧ ପରି କାର୍ଯ୍ୟ କରିଥାଏ । ରସୁଣ ଡେମ୍ଫ ସହ କିଛି ଜିରାକୁ ପାଣିରେ ଫୁଟାଇ ଥଣ୍ଡା କରି ପିଇଲେ କଷ୍ଟ କମିଯାଇଥାଏ ।

ହେଙ୍ଗୁ- ହେଙ୍ଗୁ ଖାଇଲେ ମଧ୍ୟ ବଦହଜମୀରୁ ଆରାମ ମିଳିଥାଏ । ହେଙ୍ଗୁକୁ ଗୁଣ୍ଡ କରି ପାଣିରେ ମିଶାଇ ଦିନକୁ ଦୁଇ ତିନିଥର ପାନ କରିବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମସ୍ୟା ରହେନାହିଁ ।

ପାନ ମଧୁରୀ- ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ପାନ ମଧୁରୀକୁ ଗରମ ପାଣିରେ ପକାଇ ସେବନ କଲେ ମଧ୍ୟ ଏହାକୁ ଏଡାଯାଇପାରିବ । ପାନମଧୁରୀ ପତ୍ରକୁ ଚୋବାଇଲେ ମଧ୍ୟ ଏହି ସମସ୍ୟା ରହିବନାହିଁ ।

ରଙ୍ଗ ବଦଳୁଥିବା କୃତ୍ରିମ ଚର୍ମ

ଲଣ୍ଡନର କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଦଳେ ଗବେଷକ- ବିଜ୍ଞାନୀ କୃତ୍ରିମ ଚର୍ମ ବିକଶିତ କରିଛନ୍ତି । ଏହି ଚର୍ମର ବିଶେଷତ୍ୱ ହେଲା, ଆଲୋକ ଓ ଉତ୍ତାପ ସଂସ୍ପର୍ଶରେ ଆସିଲେ ଏହାର ରଙ୍ଗ ବଦଳିଯାଏ । ପଲିମର ଉପରେ ସୁନା ଆସ୍ତରଣ ସହାୟତାରେ ଏପରି ଚର୍ମ ପ୍ରସ୍ତୁତ ସମ୍ଭବ ହୋଇପାରିଛି । ଋତୁ ଅନୁସାରେ ରଙ୍ଗ ବଦଳାଉଥିବା ଏକାଧିକ ପ୍ରଜାତିର ଏଣ୍ଟୁଅର ପରୀକ୍ଷଣ ଓ ଅଧ୍ୟୟନ ପରେ ଏପରି ଚର୍ମ ବିକଶିତ ପାଇଁ ଗବେଷକମାନେ ଉତ୍ସାହିତ ହୋଇଥିଲେ । ଏ ବାବଦରେ ବିସ୍ତୃତ ରିପୋର୍ଟ 'ଆଡଭାନସ ଅପଟିକାଲ ମ୍ୟାଟେରିଆଲ' ପତ୍ରିକାରେ ପ୍ରକାଶ ପାଇଛି ।

ଉପକାରୀ ଖାଦ୍ୟ

ବ୍ୟସ୍ତ ମଣିଷ ସମୟ ସହିତ ତାଳ ଦେଇ ଧାଉଁଛି । ଏସବୁ ଭିତରେ ଖାଦ୍ୟପେୟ ଉପରେ ଅଧିକାଂଶ ଧ୍ୟାନ ଦେଇପାରୁନାହାନ୍ତି । କାନାଡାର ଏକ ଗବେଷକ ଦଳ ଏସବୁ ଉପରେ ଅନୁଧ୍ୟାନ କରି କିଛି ତଥ୍ୟ ପ୍ରକାଶ କରିଛନ୍ତି ।

ମକା ଖଇ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ମୁଠାଏ ମକାଖଇ ଖାଇଲେ ୩୧ ଖାଦ୍ୟଜ ଶକ୍ତି ଓ ୬ ଗ୍ରାମ କାର୍ବୋହାଇ ଡ୍ରେଟ୍ ମିଳେ ।

ଗୋଟିଏ କଦଳୀ ସକାଳ ଜଳଖିଆରେ ଖାଇଲେ ପୂରା ଦିନ ଶରୀରକୁ ଶକ୍ତି ଦିଏ । ଏଥିରେ ଫାଇବର ଓ ଭିଟାମିନ-୬ ଅଛି, ଯାହା ବିଭିନ୍ନ ପ୍ରକାର କାର୍ଯ୍ୟ କରିବାକୁ ବଳ ଦେଇଥାଏ ।

ବିନ୍ସ ଭଜା କିମ୍ବା ସାଲାଡରେ ଖାଇଲେ ଓଜନରେ ସମତା ରହିବା ସହ ଶରୀରକୁ ପ୍ରୋଟିନ ମିଳେ ।

ଷ୍ଟ୍ରବେରୀ ଖାଇବା ଦ୍ୱାରା ଶରୀରକୁ ଭିଟାମିନ ଓ ଫାଇବର ମିଳିଥାଏ ସପ୍ତାହକୁ ଏହା ଥରେ ମଧ୍ୟ ଖାଇଲେ ଭଲ ।

ଟ୍ରେଡ୍ ମଲ୍ ବାଇସାଇକେଲ୍

ଘର ଭିତରେ ବ୍ୟବହାର କରାଯାଉଥିବା ଟ୍ରେଡ୍‌ମିଲକୁ ଏଣିକି ରାସ୍ତାରେ ବ୍ୟବହାର କରାଯାଇପାରିବ । ଡଚ ଉଦ୍ଭାବକ ବ୍ରୁଇନ ବର୍ଗମିସଟର୍ ରବର ଚକ ଥିବା ବାଇସାଇକେଲ ଓ ଟ୍ରେଡ୍‌ମିଲର ହାଇବ୍ରିଡ୍ ଗଢ଼ିଛନ୍ତି । ତାଙ୍କ ଟ୍ରେଡମବିଲ ବାଇସାଇକେଲର ନାମ- 'ଲୋପିଫିଟ୍' । ଏଥିରେ ପାଡେଲ ନାହିଁ । ପାଡେଲ ସ୍ଥାନରେ ଲାଗିଛି ମୋଟର ଚାଳିତ ଟ୍ରେଡ୍‌ମିଲ୍ ଏବଂ ଚେନ ଦ୍ୱାରା ଚକା ସହ ସଂଯୁକ୍ତ କରାଯାଇଛି । ଏହାକୁ ଏକ ବୈଦ୍ୟୁତିକ ଯାନ କୁହାଯାଇପାରେ । ବ୍ୟାଟେରି ଶକ୍ତି ଚାଳିତ ଟ୍ରେଡ୍‌ମିଲ୍ ଉପରେ ଦୌଡ଼ିଲେ ଲୋପିଫିଟ୍ ଆଗକୁ ଗଡ଼ିବା ଏହାର ଘଣ୍ଟା ପ୍ରତି ବେଗ ସତର ମାଇଲ । ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ଦୁଇ ଲକ୍ଷ ଟଙ୍କା ।

କାରକୁ କରନ୍ତୁ କଳଙ୍କମୁକ୍ତ

ଏପରି ଦେଖାଯାଇଥାଏ ଯେ ଯଦି ଆପଣ କାରକୁ ବେଶି ବ୍ୟବହାର କରୁନାହାନ୍ତି ବା କାରକୁ ବାହାରେ ପାର୍କ କରୁଛନ୍ତି, ତେବେ କାର ଲୁହା ଅଂଶ ପାଣି ବା ପବନ ସଂସ୍ପର୍ଶରେ ଆସି ଧୀରେ ଧୀରେ ସେଥିରେ କଳଙ୍କି ଲାଗିବାକୁ ଆରମ୍ଭ କରିଥାଏ । ପୁନଃ ଏହି କଳଙ୍କିକୁ ମରାମତି କରିବାକୁ ହେଲେ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏବେ ଏହା ଲୋକମାନଙ୍କର ଏକ ବଡ଼ ସମସ୍ୟାରେ ପରିଣତ ହେଉଛି କିପରି ଗାଡ଼ିକୁ କଳଙ୍କି ଲାଗିବାରୁ ବଞ୍ଚାଇବେ ଆସନ୍ତୁ ଜାଣିବା କେତୋଟି ଉପାୟ ।

କାର ରଖିବା ସମୟରେ ଏହାକୁ ଜରି ଘୋଡାଇ ବା କାର କଭରରେ ଘୋଡାଇ ରଖନ୍ତୁ ।

ଯଥା ସମ୍ଭବ କାରକୁ ବାହାରେ ରଖନ୍ତୁ ନାହିଁ ।

କାର ରଖିବା ସମୟରେ ଏହା ଚାରିପଟେ ଗ୍ରାମାସିନ ପାଉଡର ଛିଞ୍ଚନ୍ତୁ ।

ସିଲିକା ଫଏଲ କୋଟିଙ୍ଗର ବ୍ୟବହାର କରନ୍ତୁ । ଏହାଦ୍ୱାରା କାରରେ କଳଙ୍କି ଲାଗିବ ନାହିଁ ।

ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଚାପଗସ୍ତ

ପୁରୁଷଙ୍କ ତୁଳନାରେ ମହିଳା ଅଧିକ ଚାପଗ୍ରସ୍ତ ବୋଲି କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି । ରିପୋଟରେ କୁହାଯାଇଛି ଯେ ପୁରୁଷମାନେ ମହିଳାଙ୍କ ତୁଳନାରେ ଅଧିକ ଖୁସି ଓ ସୁସ୍ଥ ରହିଥାନ୍ତି ଏହି ସର୍ଭେରେ ୧୫୦୦ ମହିଳା ଏବଂ ପୁରୁଷଙ୍କୁ ସାମିଲ କରାଯାଇଥିଲା । ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ଓଜନ ବୃଦ୍ଧି ପାଇବା ସହ ସେମାନେ ଅଧିକ ଖୁସିରେ ରହୁଛନ୍ତି ବୋଲି ସର୍ଭେରୁ ଜଣାପଡ଼ିଥିଲା । ଅପରପକ୍ଷେ ୪୯ ପ୍ରତିଶତ ମହିଳା ଚିନ୍ତାଗ୍ରସ୍ତ ଏବଂ କମ୍ ଖୁସି ଥିବା ବୋଲି ଜଣାପଡ଼ିଥିଲା । ମହିଳାମାନେ ଘରର ଚିନ୍ତା ପୁରୁଷମାନଙ୍କଠାରୁ ଅଧିକ କରିଥାନ୍ତି ଯାହା ତାଙ୍କୁ ଅଧିକ ଚାପଗ୍ରସ୍ତ କରିଥାଏ । ପୁରୁଷମାନେ ଏସବୁକୁ ହାଲକା ଭାବେ ନେଇଥାନ୍ତି । ୬୦ ପ୍ରତିଶତ ପୁରୁଷ ମାସକୁ ଥରେ ଚାପଗ୍ରସ୍ତ ରହୁଥିବାବେଳେ ୬୦ ପ୍ରତିଶତ ମହିଳା ସପ୍ତାହର ଅଧିକାଂଶ ସମୟ ଚିନ୍ତା ଗ୍ରସ୍ତ ରହିଥାନ୍ତି । ମହିଳାଙ୍କ ତୁଳନାରେ ପୁରୁଷମାନେ ୭୦ ପ୍ରତିଶତ କମ ଉଦାସ ହୋଇଥାନ୍ତି । ମହିଳାମାନେ ଅଧିକ ସ୍ୱାସ୍ଥ୍ୟ ସଚେତନ ରହୁଥିଲେ ବି ପୁରୁଷଙ୍କ ତୁଳନାରେ ସ୍ୱାସ୍ଥ୍ୟ ଗତ ସମସ୍ୟା ଅଧିକ ଦେଖାଦେଇଥାଏ ।

ସ୍ମାର୍ଟ ପୋଷାକର ଯୁଗ

ଏବେ ସ୍ମାର୍ଟ ଫୋନ ପରେ ପରେ ବଜାରରେ ଶୀଘ୍ର ଉପଲବ୍ଧ ହେବ ସ୍ମାର୍ଟ ପୋଷାକ । କାନାଡାର ଗବେଷକଗଣ ଏହି ସ୍ମାର୍ଟ ସାର୍ଟ ତିଆରି କରିଛନ୍ତି । ବିଭିନ୍ନ ପ୍ରକାର ସର୍ବେକ୍ଷଣରୁ ସେମାନେ ଜାଣିପାରିଲେ, କାର୍ଯ୍ୟାଳୟ ହେଉ କିମ୍ବା ଘରେ ହେଉ ଅଧିକାଂଶ ଲୋକଙ୍କର ୪୦ ବର୍ଷ ପରେ ଅଣ୍ଟା ରୋଗ ବାହାରୁଛି । ସେଥିପାଇଁ ଅନେକ ସମୟରେ ସେମାନେ ଅସ୍ୱସ୍ତି ଅନୁଭବ କରିବା ସହ ଉଠବସ ହୋଇପାରନ୍ତି ନାହିଁ । ତେବେ ଏହି ସ୍ମାର୍ଟ ପୋଷାକ ସେଭଳି ଲୋକଙ୍କ କଷ୍ଟ ଅନେକାଂଶରେ ଲାଘବ କରିବ । ଏହି ପୋଷାକ ପିନ୍ଧିବା ପରେ ଏଥିରେ ଲାଗିଥିବା କୁନି ଯନ୍ତ୍ରଗୁଡ଼ିକ ସିଧାସଳଖ ବସିବା ନିମନ୍ତେ ବ୍ୟକ୍ତି ଉପରେ ପ୍ରଭାବ ପକାଇଥାନ୍ତି । ଶୋଇଲେ, ବସିଲେ, ଚାଲିରେ ସବୁ ସମୟରେ ସିଧା ହୋଇ କାର୍ଯ୍ୟ କରିବାକୁ ପୋଷାକଟି ଏକରକମ ବାଧ୍ୟ କରିବ । ପୋଷାକଟି ବ୍ୟାଟେରି ଓ ବ୍ଲୁଟୁଥ ମାଧ୍ୟମରେ ପରିଚାଳିତ । ଏହା ସହ କୌଣସି ପ୍ରକାର ଅସହଜ ମନେ କଲେ ବ୍ଲୁଟୁଥ ଦ୍ୱାରା ପୋଷାକକୁ ନିଜ ସ୍ମାର୍ଟଫୋନ ଦ୍ୱାରା ନିୟନ୍ତ୍ରଣ କରିହେବ । ଉଭୟ ମହିଳା- ପୁରୁଷଙ୍କ ନିମନ୍ତେ ଉପଲବ୍ଧ ଏହି ପୋଷାକରୀ ମୂଲ୍ୟ ୨୫ ହଜାର ଟଙ୍କା ଧାର୍ଯ୍ୟ ହୋଇଛି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସଂସ୍କାର...

କେନ୍ଦ୍ର କ୍ୟାବିନେଟ ଜୁଲାଇ ୨୯ ତାରିଖ ବୁଧବାର ଦିନ ନୂତନ ଶିକ୍ଷାନୀତି ୨୦୨୦କୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଦୀର୍ଘ ୩୪ବର୍ଷ ପରେ ଏହି ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବାକୁ ଯାଉଛି । ଏହାଫଳରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନର ପରିକଳ୍ପନା କରାଯାଇଛି । ସରକାର ଅନେକ ବର୍ଷର ତର୍ଜମା, ବହୁ ଶିକ୍ଷାବିତ୍ ଓ ବିଶେଷଜ୍ଞଙ୍କ ମତାମତ ତଥା ବୌଦ୍ଧିକ କସରତ ପରେ ଏଭଳି ଏକ ବ୍ୟବସ୍ଥା ପ୍ରଣୟନ କରିବାକୁ ଯାଉଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡେକର ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ନୂତନ ଶିକ୍ଷାନୀତି ସଂପର୍କରେ ବୁଧବାର ଦିନ ବିସ୍ତୃତଭାବେ ଅବତରଣା କରିବା ପରେ ଏହାକୁ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅନ୍ୟାନ୍ୟ ଚିନ୍ତାଶୀଳ ବର୍ଗ ସ୍ୱାଗତ କରିଛନ୍ତି । ଦୀର୍ଘଦିନରୁ ଶିକ୍ଷା ସଂସ୍କାରର ଆବଶ୍ୟକତା ଅନୁଭୂତ ହୋଇଆସିଥିଲା କାରଣ ବିଗତ ତିନି ଦଶନ୍ଧି ମଧ୍ୟରେ ଦେଶ ତଥା ବିଶ୍ୱର ସାମାଜିକ, ଆର୍ଥିକ ତଥା ଶୈକ୍ଷିକ ବାତାବରଣରେ ଯେଉଁ ପରିବର୍ତ୍ତନ ଘଟିଛି ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ତା' ସହ ତାଳଦେଇ ଚାଲିପାରୁନଥିବା ଅନୁଭୂତ ହେଉଥିଲା । ଏପରିକି ପ୍ରାଥମିକ ସ୍ତରର ସ୍କୁଲଶିକ୍ଷାଠାରୁ ନେଇ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ସଂସ୍କାର ଅଣାଯିବା ଅତ୍ୟାବଶ୍ୟକ ହୋଇପଡ଼ିଥିଲା । ତେଣୁ ସରକାର ଏହାକୁ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଇସ୍ରୋର ପୂର୍ବତନ ଅଧକ୍ଷ ପ୍ରଫେସର କେ.କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ତାଙ୍କର ଦୀର୍ଘଦିନର ଅକ୍ଳାନ୍ତ ଶ୍ରମ ସାଧନ ଦ୍ୱାରା ଏହାକୁ ବିସ୍ତୃତ ରୂପରେଖ ପ୍ରଦାନ କରିଛନ୍ତି । ପ୍ରାଥମିକ ସ୍ତରଠାରୁ ଯୁକ୍ତଦୁଇ ଶ୍ରେଣୀ ପର୍ଯ୍ୟନ୍ତ ବର୍ତ୍ତମାନର ଶିକ୍ଷା ପଦ୍ଧତି ଛାତ୍ରଛାତ୍ରୀଙ୍କ ଉପରେ ଯେଉଁଭଳି ଭାବେ ଚାପ ପକାଉଥିଲା, ଏହାକୁ ଭାରମୁକ୍ତ କରିବା ନିମନ୍ତେ ନୂତନ ବ୍ୟବସ୍ଥାରେ ବ୍ୟାପକ ପ୍ରାବଧାନ କରାଯାଇଛି । ଏହାକୁ ବିଦ୍ୟାର୍ଥୀଙ୍କ ବର୍ଷ ଆଧାରରେ ବର୍ଗୀକୃତ କରାଯାଇ ସେଥିରେ ଧନ୍ଦାମୂଳକ ଶିକ୍ଷା, ମାତୃଭାଷା ଏବଂ ଅନ୍ୟାନ୍ୟ ବିଷୟକୁ ପ୍ରାଧାନ୍ୟ ଦିଆଯାଇଛି । ଶିକ୍ଷାର ମୂଳ ଉଦ୍ଦେଶ୍ୟ ଜ୍ଞାନ ଅର୍ଜନ ଓ ବୁଦ୍ଧିକୁ ଜ୍ଞାନୋଦୀପ୍ତ କରିବା । ଏହା ଯଦି ବିଦ୍ୟାର୍ଥୀଙ୍କ ମନକୁ ଭାରାକ୍ରାନ୍ତ କରି ରଖେ, ତେବେ ସେପରି ଶିକ୍ଷାରୁ ସେମାନେ ବାସ୍ତବ ସୁଫଳ ନପାଇବା ସ୍ୱାଭାବିକ କଥା ।

ଏପରିକି ସ୍କୁଲବ୍ୟାଗର ବୋଝକୁ ପ୍ରସିଦ୍ଧ ଲେଖକ ଆର.କେ. ନାରାୟଣଙ୍କଠାରୁ ଆରମ୍ଭ କରି ଅନେକ ବିଦ୍ୱାନ ଓ ଶିକ୍ଷାଶାସ୍ତ୍ରୀ ପ୍ରଶ୍ନ କରିଆସିଛନ୍ତି । ସେହିଭଳି ଉଚ୍ଚଶିକ୍ଷାର ଉଦ୍ଦେଶ୍ୟ ବ୍ୟକ୍ତିଗତ ଓ ସାମାଜିକ ସଫଳତା ପ୍ରାପ୍ତି । ଏଥିରେ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରଯୁକ୍ତିକୁ ପ୍ରାଧାନ୍ୟ ଦିଆଯିବା କାମ୍ୟ । ପୁଣି ଐତିହ୍ୟ, ସଂସ୍କୃତି ଏବଂ ଭାଷାର ସୁରକ୍ଷା ମଧ୍ୟ ଜରୁରୀ । ଆମେରିକା, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ଜାପାନ, ଇଟାଲି ଆଦି ରାଷ୍ଟ୍ରରେ ଏପରିକି ଇଂଜିନିୟରିଂ ଏବଂ ମେଡିକାଲ ଅବା ଅନ୍ୟାନ୍ୟ ଟେକନିକାଲ ଛାତ୍ରଛାତ୍ରୀମାନଙ୍କୁ ଭାଷା, ସଂଗୀତ ଓ ସଂସ୍କୃତି ଶିକ୍ଷା ଦିଆଯାଉଛି । ଏହା ସେମାନଙ୍କୁ ନିଜ ରାଷ୍ଟ୍ରର ମୂଳ ଉତ୍ସ ସହିତ ଯୋଡ଼ି ରଖିଛି । ଆଧୁନିକ ଶିକ୍ଷାର ଅର୍ଥ କଦାପି ଆଖିବୁଜି ପାଶ୍ଚାତ୍ୟ ପଦ୍ଧତିକୁ ଆପଣାଇବା ହୋଇନପାରେ । ତେଣୁ ନୂତନ ଶିକ୍ଷାନୀତିରେ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ଉଲ୍ଲେଖ ନିଷ୍ପ୍ରୟୋଜନ, ଅତୀତରେ ଯେତେ ଶିକ୍ଷାନୀତି ପ୍ରଚଳିତ ହୋଇଥିଲା, ସେତେବେଳେ ଭାରତର ସାମାଜିକ-ଆର୍ଥିକ ସ୍ଥିତି ଭିନ୍ନ ଥିଲା । ଏବେ ତାହା ସଂପୂର୍ଣ୍ଣ ବଦଳିଯାଇଛି । ତେଣୁ ବର୍ତ୍ତମାନ ତଥା ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ହିଁ ବିଦ୍ୟାର୍ଥୀ, ସମାଜ ଓ ରାଷ୍ଟ୍ରକୁ ଉଦ୍ଦିଷ୍ଟ ହିତ ପ୍ରଦାନ କରିପାରିବ । ଏବଂ, ସର୍ବୋପରି ଯେତେ ଆଦର୍ଶ ଓ ବାସ୍ତବଧର୍ମୀ ଚିନ୍ତାଧାରା ସହ ନୂତନ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କଲେ ସୁଦ୍ଧା ଏହାର ସଫଳତା ପୂର୍ଣ୍ଣମାତ୍ରାରେ ନିର୍ଭର କରେ ଶିକ୍ଷକ ସମାଜ ଉପରେ । ସେମାନଙ୍କୁ ସେହିଭଳି ଭାବେ ପ୍ରଶିକ୍ଷିତ ଓ ଭାରମୁକ୍ତ ବାତାବରଣରେ ଶିକ୍ଷାଦାନ ପାଇଁ ସୁଯୋଗ ପ୍ରଦାନ କରାଯିବା ଉଚିତ୍ । ପ୍ରତ୍ୟେକ ସଫଳ ଛାତ୍ର ପଛରେ ଜଣେ ଆଦର୍ଶ ଶିକ୍ଷକ ଓ ଅନୁକୂଳ ବାତାବରଣ ହିଁ ବିଶେଷଭାବେ କାର୍ଯ୍ୟ କରିଥାଏ । ତେଣୁ ଶିକ୍ଷାନୁଷ୍ଠାନର ବାତାବରଣଣ ଓ ଶିକ୍ଷକମାନଙ୍କ ମନୋଭାବରେ ପ୍ରଥମେ ପରିବର୍ତ୍ତନ ଅଣାଯିବା ବାଞ୍ଛନୀୟ । ତାହା ହେଲେ ସେମାନେ ଉତ୍ସର୍ଗୀକୃତ ଭାବେ ନୂତନ ଶିକ୍ଷାନୀତିକୁ ସୁଚାରୁ ରୂପେ ପ୍ରବର୍ତ୍ତନ କରିପାରିବେ ଓ ସେଥିରୁ ବିଦ୍ୟାର୍ଥୀ ଓ ସମାଜ ଉଦ୍ଦିଷ୍ଟ ସୁଫଳ ହାସଲ କରିବ । ରାଷ୍ଟ୍ର ପ୍ରଗତି ପଥରେ ଅଗ୍ରସର ହୋଇପାରିବ ।

କରୋନା ତୁ ଆଉ ଡରାନା....

କଣ୍ଟୁରୀ ଚରଣ ରାଉତ

କରୋନାକୁ ଯେତେ ଡରନା କହିଲେ
ସିଏ କି ସତରେ ଛାଡୁଛି
ଗୋଟେ ପରେ ଗୋଟେ କବଳିତ କରି
ସାରା ଦୁନିଆକୁ ମାଡୁଛି ।

ଆତଙ୍କ ଖେଳେଇ ପୃଥିବୀବାସୀଙ୍କ
ନିଦ ସେ ଦେଇଛି ହଜେଇ
ମହାମାରୀ ପରି ସଂକ୍ରମିତ ହୁଏ
ମରଣର ଘଣ୍ଟି ବଜେଇ ।

ବିଜ୍ଞାନ ଯୁଗର ମଣିଷଟା ଆଜି
ପୋକମାଛି ପରି ମରୁଛି
ସହର ବଜାର ଶମଶାନ ଲାଗେ
ଅଜଣା ଆତଙ୍କେ ଥରୁଛି ।

ଏଇ ରୋଗ ପାଇଁ ଉପଚାର ନାଇଁ
ସଚେତନ ହେଲେ ବଞ୍ଚିବା
ଅକାଳ ମରଣ ପାଖ ପଶିବନି
ଆୟୁ ସତେ କିଛି ସଞ୍ଚିବା ।

ବିଦେଶ ଫେରନ୍ତା ଯୁବକ ଯୁବତୀ
ନାମ ଦେବା ଆମେ ଲେଖେଇ
କାଶ, ଥଣ୍ଡା, ଜର ନ ଛାଡୁଛି ଯଦି
ଡାକତର ଦେବା ଦେଖେଇ ।

ବେଶୀ ଲୋକ ଆମେ ଏକାଠି ହେବାନି
ପରିଷ୍କାର ଆମେ ରହିବା
ଜରୁରୀ କାମରେ ବାହାରକୁ ଗଲେ
ମୁଖା ପିନ୍ଧିବାକୁ କହିବା ।

କର ମରଦନ, ଆଲିଙ୍ଗନ ପରି
ସଂପର୍କକୁ ଦେବା ତୁଟେଇ
ଦୁଇ ହାତ ଯୋଡ଼ି ପ୍ରଣାମ କରିବା
ଆମ ସଂସ୍କୃତିକୁ ଫୁଟେଇ ।

ଜ୍ଞାନଗୁରୁ ଆମେ, ବିଦେଶୀ ସଂସ୍କୃତି
ପାଖରେ ଦେବାନି ପୂରେଇ
ସଚେତନ ହେଲେ କରୋନାକୁ ଆମେ
ସହଜେ ପାରିବା ଦୂରେଇ ।

+ ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ
ବଲାଙ୍ଗୀର
ମୋ: ୯୯୩୭୯୮୨୮୪୬

ଦି ଗ୍ରେଟ ଫ୍ଲାଇଟ(ପଳାୟନ)

ଡାକ୍ତର ସୁରେନ୍ଦ୍ର ନାଥ ଦାଶ

୬୨୨ ଜୁଲିଆନ କାଲେଣ୍ଡର, ମେ ୧୩ ତାରିଖ ଦିନ ଇସଲାମ ଧର୍ମର ପ୍ରବର୍ତକ ମହାପୁରୁଷ ହଜରତ ମହମ୍ମଦ, ମକ୍କାର ପିତୁଳା ପୂଜକଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ନିଜର ଅନୁଗତ ମାନଙ୍କ ସହ ମକ୍କାରୁ ୨୮୦ ମାଇଲ ପୂର୍ବରେ ଥିବା ମଦିନା (Yathrib) କୁ ପଳାୟନ କରିଥିଲେ । ଏହି ଘଟଣା ମୁସଲମାନଙ୍କ ଧର୍ମ ଗ୍ରନ୍ଥ କୋରାନରେ ହିଜିରା ବା ପଳାୟନ ବୋଲି ବର୍ଣ୍ଣିତ ହୋଇଛି । ଏହି ଦିନ ଠାରୁ ସେମାନେଙ୍କର ନୂତନ ଅଙ୍କ ହିଜିରାବ୍ଦ ଆରମ୍ଭ ହେଲା ।

ମହମ୍ମଦ ଆରବ ଉପଦ୍ୱୀପର ମକ୍କା ସହରରେ ୫୭୦ ମସିହା(Year of Elephant) ଜୁନ ୮ ତାରିଖ ଦିନ ଏକ ସଂଭ୍ରାନ୍ତ ବଂଶ(ବାନୁ ହାସିମ)ରେ ଜନ୍ମ ନେଇଥିଲେ । ଏହା ମକ୍କାକୁ ଶାସନ କରୁଥିବା କ୍ୱାରାସା(Quraysh)ଗୋଷ୍ଠୀ ଅନ୍ତର୍ଗତ । ତାଙ୍କର ପିତାଙ୍କ ନାମ ଅବଦୁଲା ଓ ମା ଅମିନା ଥିଲେ । ମାତ୍ର ୬ ବର୍ଷ ବୟସରେ ସେ ପିତୃମାତୃ ହୀନ ହୋଇ ପିତାମହ ଅବଦୁଲା ମୁତାଲବ ଓ ପରେ କକା ଆବୁ ତାଲିବ ଙ୍କ ଦ୍ୱାରା ପତିପାଳିତ ହୋଇଥିଲେ । ସେତେବେଳେ ମରୁମୟ ଆରବ ଉପଦ୍ୱୀପ ନାନା ପ୍ରକାର ବେଦୁଇନ ବା ଯାଯାବର ମାନଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା । ସେମାନେ ନାନା ଗୋଷ୍ଠିରେ ଭାଗ ହୋଇ ସବୁବେଳେ କଳହ ଓ ହାଣ କାଟରେ ବ୍ୟାପୃତ ଥିଲେ । ସବୁଠାରୁ ଶକ୍ତିଶାଳୀ କ୍ୱାରସା ଗୋଷ୍ଠି ପୁଣ୍ୟ ନଗରୀ ମକ୍କାକୁ ଶାସନ କରୁଥିଲେ । କାବା ନାମକ ମନ୍ଦିରରେ ୩୬୦ଟି ଦେବ ଦେବୀଙ୍କ ପିତୁଳା ସେମାନେ ପୂଜା କରୁଥିଲେ । ସେତେବେଳେ ପିତୁଳା ପୁଜାକୁ ବିରୋଧ ହୋଇ ଖ୍ରୀଷ୍ଟ ଧର୍ମ ପ୍ରଚାରିତ ହୋଇ ସାରିଥିଲା । ଅନେକ ଇହୁଦୀ ସେଠାରେ ବାସ କରୁଥିଲେ, ଯେଉଁମାନେ ଏକେଶ୍ୱରବାଦରେ ବିଶ୍ୱାସ କରୁଥିଲେ । ପିଲାଟି ଦିନରୁ ମହମ୍ମଦ ନିର୍ଜନ ଜାଗାରେ ଭାବମଗ୍ନ ହେଉଥିଲେ । ବ୍ୟବସାୟ ପାଇଁ ଓଟଙ୍କୁ ଧରି ସେ ନାନା ଦେଶକୁ ଯାଉଥିଲେ । ଥରେ ସିରିଆ ମରୁଭୁମି ଦେଇ ଆସିଲା ବେଳେ ଜଣେ ଖ୍ରୀଷ୍ଟିଆନ ସନ୍ୟାସୀ ମହମ୍ମଦ ଜଣେ ପ୍ରଫେଟ ବୋଲି ଭବିଷ୍ୟତ ବାଣୀ କରୁଥିଲେ । ୫୯୫ ମସିହାରେ ସେ ଜଣେ ଅତି ଧନୀ ବିଧବା ମହିଳା ଖାଦିଜାଙ୍କୁ ବିବାହ କଲେ ଓ ଏହା ଦ୍ୱାରା ସେ କ୍ୱାରସା ଗୋଷ୍ଠିରେ ପ୍ରଭାବଶାଳୀ ହୋଇ ଉଠିଲେ । ରୋକଠୋକ କହୁଥିବାରୁ ମହମ୍ମଦଙ୍କୁ ଅନ୍ୟ ମାନେ ଅଲାମିନ ବା ବିଶ୍ୱସ୍ତ, ଆଲ-ସାଦିକ ବା ସତ୍ୟବାଦୀ ବୋଲି କହୁଥିଲେ ଓ ବିବାଦର ସମାଧାନ ପାଇଁ ମଧ୍ୟସ୍ଥି କରୁଥିଲେ । କାବା ମନ୍ଦିରର ପ୍ରସିଦ୍ଧ କଳାପଥ(Black Stone)ତାଙ୍କ ଦ୍ୱାରା ପୁନଃସ୍ଥାପିତ ହୋଇଥିଲା । ୬୧୦ ମସିହାରେ ହିରା ନାମକ ଏକ ଗୁମ୍ଫାରେ ଜାବାଲ-ଏନ-ନୁର ବା ମାଉଂଟେନ ଅଫ୍ ଲାଇଟ ଠାରେ ଧ୍ୟାନରେ ବସିଥିବା ବେଳେ ସ୍ୱର୍ଗଦୂତ ଗାବ୍ରିଏଲ ସହ ସାକ୍ଷାତ ହେଲା । ଦୂତ ମହମ୍ମଦଙ୍କୁ ଇଶ୍ୱରଙ୍କ ପ୍ରଫେଟ ବା ମେସେଞ୍ଜର ବୋଲି ସମ୍ବୋଧନ କଲା । ଏହାଶୁଣି ମହମ୍ମଦ ଦ୍ୱନ୍ଦ ରେ କାଳ କାଟିଲେ । ଆଉ ଗାବ୍ରୀଏଲ ୩ ବର୍ଷ ଆସିଲା ନାହିଁ । ତିନି ବର୍ଷ ପରେ ଗାବ୍ରିଏଲ ମହମ୍ମଦଙ୍କୁ ଧରି ଏକ ପକ୍ଷିରାଜ ଧଳା ଘୋଡା(ବରକ୍ବା)ରେ ପବିତ୍ର ନଗରୀ ଜେରୁଜାଲେମ ଠାରେ ପହଂଚିଲେ (Isra and Mirmaj) । ସେଠାରେ ସେ ଇଶ୍ୱରଙ୍କୁ ପ୍ରାର୍ଥନା କଲେ ଯାହା ଅଲ, (Asqua) ବା ଦୂର ମସଜିଦ ବୋଲି ଖ୍ୟାତ ହେଲା । ସେଠାରେ ମାଉଂଟ ଅଲିଭର ଏକ ପଥର ଉପରେ ପାଦ ଦେଇ ମହମ୍ମଦ ଦୂତ ସହ ସ୍ୱର୍ଗରେ ପହଂଚିଲେ ଓ ପୁର୍ବର ସମସ୍ତ ମହାପୁରୁଷ, ଆଦାମ, ଆବ୍ରାହମ, ମୋଷେ, ଯୀଶୁ, ଇସାଇହେଲ, ଜନ ଆଦି ପ୍ରଫେଟ ମାନେ ଇଶ୍ୱର ବା ଆଲ୍ଲାଙ୍କ ଚାରିକଡରେ ବସି ଥିବାର ଦେଖିଲେ । ଇଶ୍ୱର ତାଙ୍କୁ ନିଜର ଦୂତ ବୋଲି ସମ୍ବୋଧନ କଲେ । ସେ ହେବେ ଶେଷ ଦୂତ । ଆଲ୍ଲା ଏକମାତ୍ର ଇଶ୍ୱର ଅଟନ୍ତି । ତାଙ୍କୁ ଡାକିଲେ ଓ ନିଜକୁ ସମର୍ପଣ କଲେ ସ୍ୱର୍ଗ ମିଳିବ । ଡେ ଅଫ୍ ଜଜମେଂଟ ବା ବିଚାର ଦିବସରେ ଆଲ୍ଲା ତାଙ୍କ ଅନୁଗତ ମାନଙ୍କୁ ସ୍ୱର୍ଗରେ ଅକ୍ଷତ ଅପସରା ଭୋଗ ଯୋଗାଇ ଦେବେ । ପାପୀ ମାନେ ଅନନ୍ତ ନର୍କକୁ ଯିବେ । ଦିନକୁ ପାଂଚ ଥର ଆଲ୍ଲାଙ୍କୁ ଡାକିବ । ୬୧୩ ମସିହାରେ ମହମ୍ମଦ ଇସଲାମ ନାମରେ ନୂତନ ଧର୍ମ ପ୍ରଚାର କଲେ । ଯେଉଁ ମାନେ ତାହା ଗ୍ରହଣ କଲେ ସେମାନଙ୍କୁ ମୁସଲମାନ କୁହାଗଲା । ପତ୍ନୀ ଖାଦିଜା, ବନ୍ଧୁ ଆବୁ ବେକର ଓ ପୂଅ ପ୍ରଥମେ ତାହା ଗ୍ରହଣ କଲେ । ପିତୁଳା ପୂଜା ବିରୁଦ୍ଧରେ ସ୍ୱର ଉତୋଳନ କଲେ । ଏଥିରେ କାବାର ପାଗାନ ପୁଜକ ମାନେ ଆତଙ୍କିତ ହୋଇ ମହମ୍ମଦଙ୍କ ଗୋଷ୍ଠି ବାନୁ ହାସାାମକୁ ବାସନ୍ଦ କଲେ । ୬୧୯ ମସିହାରେ ପତ୍ନୀ ଖାଦିଜା ଓ କକା ଆବୁ ତାଲିବଙ୍କ ମୃତ୍ୟୁ ଘଟିଲା । କିଛି ଅନୁଗତଙ୍କୁ ମହମ୍ମଦ ସୁରକ୍ଷା ପାଇଁ ଇଥିଓପିଆର ଖ୍ରୀଷ୍ଟିଆନ ଶାସକଙ୍କ ପାଖକୁ ଆଶ୍ରୟ ପାଇଁ ପଠାଇ ଦେଲେ (୬୧୯ ପ୍ରଥମ ହିଜିରା) । ଏହା ମଧ୍ୟରେ ସଇତାନ ଗାବ୍ରିଏଲର ଛଦ୍ମ ବେଶରେ ମହମ୍ମଦଙ୍କ କାନରେ ପିତୁଳା ମାନଙ୍କ ମଧ୍ୟରେ ୩ଜଣ ଆଲ୍ଲାଙ୍କ ଝିଅ ଅଛନ୍ତି ବୋଲି କହିଲା । ମହମ୍ମଦ କିଛି ଦିନ ପାଇଁ ମକ୍କା ପୂଜକଙ୍କ ସହ ବୁଝାମଣା କଲେ । ପଳାୟନ କରୁଥିବା ମୁସଲମାନ ମାନେ ଫେରି ଆସିଲେ । କିଛିଦିନ ପରେ ଗାବ୍ରିଏଲ ଆସି ମହମ୍ମଦଙ୍କୁ ଚେତାଇଦେଲା । ତାହା ସଇତାନର କାମ (SATANIC VERSES) । ମହମ୍ମଦ ପୁଣି ପୁରୁଣା ପଥକୁ ଫେରି ଆସିଲେ ।

ନିଜର ସୁରକ୍ଷା ପାଇଁ ଅନ୍ୟଏକ ସହର ମଦିନାର ଲୋକ ମାନଙ୍କ ସହ ମହମ୍ମଦ କଥାବାର୍ତା ଆରମ୍ଭ କଲେ । ମଦିନା ସହ ମକ୍କାର ବ୍ୟବସାୟିକ ଓ ଧର୍ମଗତ ଶତ୍ରୁତା ଥିଲା । ସେମାନଙ୍କ ନିଜ ନିଜ ମଧ୍ୟରେ ମଧ୍ୟ ବିବାଦ ଲାଗିଥିଲା । ତାଙ୍କ ନଗରୀର ବିବାଦର ସମାଧାନ ପାଇଁ ସେମାନେ ମହମ୍ମଦଙ୍କ ମଧ୍ୟସ୍ଥି ଚାହିଁଲେ । ସମାଧାନ ହେଲେ ସମସ୍ତେ ମୁସଲମାନ ଧର୍ମ ଗ୍ରହଣ କରିବାର ପ୍ରତିଶ୍ରୁତିଦେଲେ (Pledge of Aquba 1 and 2) । ମହମ୍ମଦ ନିଜର ଶିଷ୍ୟ ମାନଙ୍କୁ ଆଗରୁ ମଦିନା ପଠାଇ ଦେଲେ । ଏ ଖବର ଜାଣି କ୍ୱାରସା ଦଳ ମହମ୍ମଦଙ୍କୁ ହତ୍ୟା କରିବାର ଯୋଜନା କଲେ । ରାତିରେ ତାଙ୍କ ଘର ଘେରାଉ କରି ରଖିଲେ । ସକାଳୁ ମାରିବାର ସ୍ଥିର ହେଲା । ମହମ୍ମଦ ଜାଣି ପାରି ଭୃତ୍ୟ ଅଲ୍ଲୀକୁ ଡକାଇଲେ । ନିଜ ପାଖରେ ଥିବା ଅନ୍ୟର ସଂପତିକୁ ତାର ମାଲିକକୁ ଫେରାଇବା ପାଇଁ ତାକୁ ଦେଇ ଦେଲେ । ତାକୁ ତାଙ୍କ ଖଟରେ ଶୋଇଦେଇ, ବନ୍ଧୁ ଆବୁ ବାକର ସହ ପଳାୟନ କଲେ । ଟିକେ ଧୂଳି ଉଡାଇ ଦେବାରୁ ଶତ୍ରୁ ମାନେ କିଛି ଦେଖି ପାରିଲେ ନାହିଁ । ମକ୍କା ଠାରୁ ମଦିନା ୨୮୦ ମାଇଲ ଦୂର । ବାଟରେ ଗୋଟାଏ ଗୁମ୍ଫାରେ ତିନିଦିନ ଲୁଚି ରହିଲେ । ଶତ୍ରୁ ମାନେ ଅନୁସରଣ କଲେ ମଧ୍ୟ ସେମାନଙ୍କର ଘୋଡା ମାନେ ବାରମ୍ବାର ପଡିଗଲେ । ଆଠ ଦିନ ଯାତ୍ରା ପରେ ମହମ୍ମଦ ମଦିନାରେ ପହଂଚିଗଲେ । ଲୋକମାନେ ତାଙ୍କୁ ସ୍ୱାଗତ କଲେ । ମହମ୍ମଦ ସବୁ ଦଳ ଙ୍କୁ ଡାକି ଏକ ସମାଧାନ କଲେ ।ଏକ ସମ୍ଧିଧାନକୁ ସମେସ୍ତ ମାନିବେ ବୋଲି ଘୋଷଣା କଲେ । ସମସ୍ତେ ମୁସଲମାନ ଧର୍ମ ଗ୍ରହଣ କଲେ । ମହମ୍ମଦ ଛୋଟ ଛୋଟ ଦଳ କରି ମକ୍କାକୁ ଯାଉଥିବା ବାଣିଜ୍ୟ କାରାଭାନକୁ ଲୁଣ୍ଠନ କଲେ । ମକ୍କାର ପ୍ରଭୂତ କ୍ଷତି ହେଲା । ଶେଷକୁ ମକ୍କାର ସୈନ୍ୟ ମାନେ ମଦିନା ଆକ୍ରମଣ କଲେ । ବଦର ଯୁଦ୍ଧ(୬୨୩)ରେ ମୁସଲମାନଙ୍କର ବିଜୟ ହେଲା । ମକ୍କାର ସେନାପତି ଆବୁ ଜିଦାଲ ନିହତ ହେଲା । ଅନେକ ଘୋଡା, ଓଟ ଅଧିକାର କଲେ । ଏହି ବିଜୟ ମହମ୍ମଦଙ୍କ ପ୍ରତି ମଦିନା ଲୋକଙ୍କ ବିଶ୍ୱାସ ଦୃଢ କଲା । ଏହା ପରେ ମକ୍କା ଲୋକ ମାନେ ପୁଣି ମହମ୍ମଦଙ୍କୁ ଉହୁଦ ଯୁଦ୍ଧ କ୍ଷେତ୍ରରେ(୬୨୫)ଭେଟିଲେ । ମହମ୍ମଦ ସାଂଘାତିକ ଆହତ ହେଲେ । ଅନେକ ମୁସଲମାନ ମଲେ। ମାତ୍ର ମକ୍କା ସୈନ୍ୟ ମାନେ ଶତ୍ରୁ ଙ୍କୁ ନିପାତ ନକରି ଜୟ ହେଲା ବୋଲି ଖୁସିରେ ଫେରିଗଲେ । ମହମ୍ମଦ ଏହାକୁ ଆଲ୍ଲାଙ୍କର ପରୀକ୍ଷା କହି ଶିଷ୍ୟ ମାନଙ୍କର ମନୋବଳ ଦୃଢ କଲେ । ମକ୍କା ସୈନ୍ୟ ମାନେ ତୃତୀୟ ଥର ୬୨୭ ମସିହାରେ ମଦିନାକୁ ଘେରାଉ କରି ରଖିଲେ । ମହମ୍ମଦ ଟ୍ରେଂଚ ଖୋଳି ପ୍ରତିରୋଧ କଲେ (Battle of Trench) । ଝଡ ଓ ଜଳାଭାବକୁ ସାମନା କରି ନପାରି ମକ୍କା ସୈନ୍ୟ ମାନେ ଦୁଇ ସପ୍ତାହ ଅବରୋଧ ପରେ ଫେରିଗଲେ । ବର୍ତମାନ ମହମ୍ମଦଙ୍କ ପାଳି । ଦଶ ହଜାର ସୈନ୍ୟ ସଂଗ୍ରହ କରି ୬୨୯ ମସିହାରେ ସେ ମକ୍କା ଆକ୍ରମଣ କଲେ । ବିନା ରକ୍ତପାତରେ ମକ୍କା ଲୋକେ ଆତ୍ମସମର୍ପଣ କଲେ । କାବାର ମହାତ୍ମ ବଜାୟ ରହିଲା । ମୁସଲମାନଙ୍କର ଏହା ସର୍ବୋଚ ତିର୍ଥର ମାନ୍ୟତା ପାଇଲା । କଳାପଥର ଛଡା ଅନ୍ୟ ପିତୁଳା ମାନଙ୍କୁ ଉଠାଇ ଦିଆଗଲା । ମକ୍କାର ଲୋକେ ମୁସଲମାନ ଧର୍ମ ଗ୍ରହଣ କଲେ । ଅଳ୍ପ ଦିନ ମଧ୍ୟରେ ଇସଲାମ ଧର୍ମ ସାରା ଆରବ ଜଗତରେ ପ୍ରସାରିତ ହେଲା । ୬୩୨ ମସିହାରେ ବିଦାୟୀ ତିର୍ଥଯାତ୍ରାରେ (Farewel pilgrimage) ମହମ୍ମଦ ମକ୍କାରୁ ବାହାରି ମଦିନାରେ ପହଂଚିଲେ ଓ ରୋଗରେ ପଡିଲେ । ୮ଜୁନ ୬୩୨ ମସିହାରେ ତାଙ୍କର ମୃତ୍ୟୁ ହେଲା । ମହମ୍ମଦଙ୍କ ବାଣୀ ଧର୍ମପୁସ୍ତକ କୋରାନରେ ଲିପିବଦ୍ଧ ହୋଇଛି । ଦିନକୁ ପାଂଚ ଥର ଆଲ୍ଲାଙ୍କୁ ଡାକିବାକୁ(ନମାଜ) ଆଦେଶ ଦିଆଯାଇଛି । ସମାଜର ଦରିଦ୍ର ଲୋକଙ୍କୁ ନିଜ ଆୟର ଏକ ଅଂଶ ଦେବାକୁ କୁହା ଯାଇଛି । ଜୀବନରେ ଅନ୍ତତଃ ଥରେ ମକ୍କା ଯିବାକୁ ଧର୍ମର ଏକ ଅଙ୍ଗ (ହଜ୍)ବୋଲି ଧରା ଯାଇଛି ।

ପର କାଳରେ ଅନ୍ୟ ମୁସଲମାନ ମୁଲ୍ଲା ମାନେ (Hadith), ସୁରା, ସାରିଆତ ଆଦି ଶାସ୍ତ୍ରରେ କୋରାନ ନାଁରେ ଅନ୍ୟ ଧର୍ମ ପ୍ରତି ଘୃଣା ଓ ବିଦ୍ୱେଷ ପୁରାଇ ନାନା ଅଶାନ୍ତି ସୃଷ୍ଟି କରି ଚାଲିଛନ୍ତି ।

+ ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬

ଅସଲ୍ ଲେଖକ ହିଁ ସମୟର୍ ସେନାପତି

ମାୟାଧର ନାୟକ

ତୁଳସୀ ପତ୍ର ସୌନ୍ଦର୍ଯ୍ୟ

ତୁଳସୀ କେବଳ ପୂଜା ପାଇଁ ବ୍ୟବହାର କରାଯାଏନା । ଏହାକୁ ନିଜର ସୌନ୍ଦର୍ଯ୍ୟ ପାଇଁ ବ୍ୟବହାର କରିପାରିବେ । ଏହାର ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି । ୫୦ଗ୍ରାମ ତୁଳସୀ ୫୦ ଗ୍ରାମ ଲେମ୍ବୁ ରସ ମିଶାଇ ପେଷି ଦିଅନ୍ତୁ । ଏଥିରୁ ପ୍ରସ୍ତୁତ କ୍ରିମ ମୁହଁରେ ଲଗାନ୍ତୁ । ସପ୍ତାହକୁ ଥରେ ଏଭଳି ଉପଚାରରେ ମୁହଁରେ ଚମକ ଆସିଥାଏ । ତୁଳସୀ ପତ୍ରକୁ ଖାଲି ପାଣିରେ ବାଟି ମୁହଁରେ ଲଗାଇଲେ ତ୍ୱଚା ଲୋଚାକୋଚା ହୋଇ ନଥାଏ । ଶରୀରରେ ବଟା ତୁଳସୀ ପତ୍ର ଲଗାଇଲେ ବହୁ ରୋଗ ଆପଣଙ୍କୁ ସ୍ପର୍ଶ କରିପାରିବନି । ଏହା ବ୍ୟତୀତ ପ୍ରତିଦିନ ସକାଳୁ ତୁଳସୀ ପତ୍ର ୩ରୁ୪ଟି ଖାଇଲେ ମଧ୍ୟ ମୁହଁର ଉଜ୍ଜ୍ୱଳତା ଆସିଥାଏ । ନିୟମିତ ତୁଳସୀ ପତ୍ର ଖାଇବା ଓ ମୁହଁରେ ଲଗାଇବା ଦ୍ୱାରା ମୁଖ୍ୟବ୍ରଣ ଦୂର ହେବା ସହିତ ମୁହଁରୁ ଦାଗ ଲିଭିଥାଏ ।

ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ୍ୟ ଅନ୍ତର ଦେଖା ଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ । ସେଠାରେ ଥିବା କଠୋର ନିୟମ ଅନୁସାରେ ବର୍ଷରେ କେବଳ ୨୦୦ ପୁରୁଷ ଏହି ଟାପୁକୁ ଯାଇ ପାରିବେ । ଯେଉଁ ଲୋକମାନେ ସେଠାକୁ ଯାଉଛନ୍ତି ସେମାନଙ୍କୁ କୌଣସି ଜିନିଷ ଏପରିକି ଘାସ ମଧ୍ୟ ସାଙ୍ଗରେ ଆଣିବାକୁ ଅନୁମତି ନାହିଁ । ୟୁନେସ୍କୋ ଏହି ଆଇଲ୍ୟାଣ୍ଡକୁ ବିଶ୍ୱ ଧରୋହରର ମାନ୍ୟତା ଦେଇଛି ।

ଶବ ସହିତ ବିବାହ

ବିଶ୍ୱରେ ଗାଡ଼ି ଚଳେଇବା, ଘର ତିଆରି କରିବା, ଚାକିରି କରିବା, ବିବାହ ପାଇଁ ଅନେକ କାନୁନ ତିଆରି ହୋଇଛି । କିନ୍ତୁ ଫ୍ରାନ୍ସରେ ଏପରି ଏକ ଅଜବ କାନୁନ ରହିଛି ଯାହା ବିବାହ ସହିତ ଜଡ଼ିତ । ଏହି କାନୁନଟି ସମସ୍ତ କାନୁନଠାରୁ ଭିନ୍ନ ଓ ବିଚିତ୍ର । ଏହି ବିଚିତ୍ର କାନୁନ ମୁତାବକ କୌଣସି ଲୋକ ମୃତ ବ୍ୟକ୍ତି ବା ମହିଳା ସହିତ ବିବାହ କରି ପାରିବେ କିନ୍ତୁ ଏପରି ବିବାହ ପାଇଁ ରାଷ୍ଟ୍ରପତିଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ । ରାଷ୍ଟ୍ରପତି ବିଶେଷ ପରିସ୍ଥିତିରେ ଏହି କାନୁନ ଅନ୍ତର୍ଗତ ମୃତ ବ୍ୟକ୍ତି ସହିତ ବିବାହ ପାଇଁ ଅନୁମତି

ଦେଇପାରିବେ । ସେଠାରେ ବିବାହ ସମୟରେ ୧୪୯୯ର ଧଳା ସୁଟ୍ ପିନ୍ଧିବାର ପରମ୍ପରା ଆରମ୍ଭ ହୋଇଛି ଯାହା ଏ ପର୍ଯ୍ୟନ୍ତ ଚାଲି ଆସୁଛି । ବିଶ୍ୱରେ ଇଂଲଣ୍ଡ ପରେ ଫ୍ରାନ୍ସ ଏପରି ଦେଶ ଯିଏ ବିଶ୍ୱରେ ସବୁଠାରୁ ଅଧିକ ଅଂଶରେ ରାଜତ୍ୱ କରିଛି । ବିଶ୍ୱର ୮.୬ ପ୍ରତିଶତ ଭାଗରେ ଫ୍ରାନ୍ସ ରାଜତ୍ୱ କରିଛି । ଫ୍ରାନ୍ସ ଦୁନିଆର ଏପରି ଏକ ଦେଶ ଯାହାର ଅନ୍ତରାଷ୍ଟ୍ରୀୟ ଇକାଇ ପ୍ରଣାଳୀ ର ପ୍ରଚଳନ ଆରମ୍ଭ କରିଥିଲା ।

ସ୍ମାର୍ଟ ବାୟୁ ବିଶୋଧକ

ପ୍ରକୃତି ସହିତ ଟେକ୍ନୋଲୋଜିର ସମ୍ମିଶ୍ରଣରେ ପ୍ରସ୍ତୁତ ଏକ ପ୍ରାକୃତିକ ସ୍ମାର୍ଟ ବାୟୁ ବିଶ୍ଳେଷଣ କରି ଏହାକୁଚ ପ୍ରଦୂଷଣମୁକ୍ତ କରିଥାଏ । ଦେଖିବାକୁ ଗଲେ ବାହାର ବାୟୁ ଅପେକ୍ଷା ଘର ଭିତରର ବାୟୁ ଅଧିକ ପ୍ରଦୂଷିତ ହୋଇପାରେ । ଏହାକୁ ଏପରି ବିଶୋଧକ ଦ୍ୱାରା ସ୍ୱଚ୍ଛ କରିହେବ । ନେଟଡି ଜ୍ଞାନକୌଶଳ ସୁପରଚାର୍ଜ କରାଯାଇଥିବା ସାଧାରଣ ଗଛ ଦ୍ୱାରା ସଞ୍ଚାଳିତ ହୋଇଥାଏ । ଏଥିରେ ଏକ ଫଟୋକାଟାଲିକ୍ ଫିଲଟର ରହିଛି ଯାହା ପରିବର୍ତ୍ତିତ ହେବା ଆବଶ୍ୟକ ହୁଏନି । ଏହାକୁ ମୋବାଇଲ ଆପ ଏବଂ ସ୍ମାର୍ଟ ହୋମ ଉପକରଣ ଦ୍ୱାରା ଦୂରରୁ ନିୟନ୍ତ୍ରଣ କରାଯାଇପାରେ । ଏଥିରେ ବିଶେଷ ପ୍ରକାର ସେନସର ଲାଗିଥାଏ ଯାହା ବାୟୁ ପ୍ରଦୂଷଣର ସଠିକ୍ ସୂଚନା ଦିଏ ଏବଂ ଏହି ଉପକରୀଣ ୯୩ ପ୍ରତିଶତ ଜୀବାଣୁ, ଭୂତାଣୁ ନଷ୍ଟ କରିପାରେ । ନେଟଡି ଭିତରେ ଥିବା ମନିଟର ଏବଂ ସେନସର କକ୍ଷର ତାପମାତ୍ରା ଓ ଆର୍ଦ୍ରତା ସଠିକ୍ ମାପ କରିବା ସହ ପ୍ରଦୂଷଣକାରୀ ତତ୍ତ୍ୱ ଫାଇନ ପାର୍ଟିକୁଲେଟସ(ପିଏମ(୨.୫) ଏବଂ କାର୍ବନ ମନୋକସାଇଡର ଉପସ୍ଥିତି ଜାଣେ । ଏଗୁଡ଼ିକ ବାୟୁ ପ୍ରଦୂଷଣର ମୁଖ୍ୟ କାରକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚୀତ କରିଛି ।

ପୁରାତନ ଶୟନ ପରମ୍ପରା

ନ୍ୟୁଜିଲାଣ୍ଡର ଗବେଷକଗଣ ବିଶ୍ୱର ବିଭିନ୍ନ ସ୍ଥାନ ପରୀକ୍ଷା କରିବା ପରେ ଶୟନ ସମ୍ପର୍କିତ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ମତରେ, ପାଖାପାଖି ଦେଢ଼ ହଜାର ବର୍ଷ ତଳେ ଶୟନ ପରମ୍ପରା ଅଧିକାଂଶ ସ୍ଥାନରେ ପ୍ରଚଳିତ ଥିଲା । ଶୀତପ୍ରଧାନ ରାଷ୍ଟ୍ରଗୁନିକରେ ଏହି ଶୋଇବା ନିୟମ ଅଧିକ ପ୍ରଚଳିତ ଥିବାର ଜଣାପଡ଼ିଛି । ଦିନ ୧୨ଟା ପରେ ଲୋକେ କାମ କରିବା ଆରମ୍ଭ କରୁଥିଲେ । କଠିନ ପରିଶ୍ରମ ସନ୍ଧ୍ୟା ପର୍ଯ୍ୟନ୍ତ କରାଯାଉଥିଲା । ସନ୍ଧ୍ୟା ହେବାର ୧ରୁ୨ ଘଣ୍ଟା ମଧ୍ୟରେ ଭୋଜନ କରି ଶୋଉଥିଲେ । ରାତି ୧୨ଟା ଗୋଟାଏ ପାଖାପାଖି ଉଠୁଥିଲେ । ଦୁଇରୁ ତିନି ଘଣ୍ଟା ଜାଗ୍ରତ ରହି ପୁଣି ଶୋଇବାକୁ ଯାଉଥିଲେ । ରାତିରେ

ଦୁଇ ଥର ଉଠିବା ଏକ ପ୍ରକାର ପରମ୍ପରା ଥିଲା କହିଲେ ଚଳେ । ସମୟ ଅନୁସାରେ, ସେହି ଶୟନ ପରମ୍ପରା ପରିବର୍ତ୍ତନ ହୋଇଛି । ୧ହଜାର ବର୍ଷ ତଳେ କେବଳ ରୋଗୀ ଓ ବୟସ୍କ ଲୋକଙ୍କୁ ଛାଡ଼ିଦେଲେ ଅନ୍ୟ କେହି ଦିନବେଳା ବିଶ୍ରାମ ନେବା ନିୟମ ବିରୋଧ ଥିଲା । ବିଭିନ୍ନ ରାଷ୍ଟ୍ର ଗବେଷଣା କରିବା ସମୟରେ ବିଶେଷଜ୍ଞଙ୍କୁ ଏ ସମ୍ପର୍କିତ ହାତ ଲେଖା ପୁସ୍ତକ ମିଳିଛି ।

ଓକ୍ଲିନ୍ ବ୍ରଶ୍

ସକାଳୁ ଉଠିବା ମାତ୍ରେ ଦାନ୍ତଘଷା ବ୍ରଶ୍ ଆଗ ଦରକାର ହୋଇଥାଏ । ସାଦାସିଧା ଭାବେ ଦାନ୍ତ ଘଷିଦେଲେ ଦାନ୍ତ ସଫା ହୁଏନାହିଁ, ଏଥିପାଇଁ ଡାକ୍ତର ବିଭିନ୍ନ ଉପାୟ ବତାଇଥାନ୍ତି । ହେଲେ, ମଣିଷ ଏତେ ନିୟମ ମାନି ଦନାନ୍ତ ସଫା କରିବା ସହଜ ହୋଇନଥାଏ । ଏହି ସମସ୍ୟାକୁ ସହଜ କରିବା ଲାଗି ଓ ରାଲ କେୟାର ଟେକନୋଲୋଜି କମ୍ପାନୀ ପ୍ରସ୍ତୁତି କରିଛି ଓକ୍ଲିନ ଏୟାର ଟୁଥବ୍ରଶ୍ । ଏହା ଓକ୍ଲିନ ୱାନର ହାଲକା ରୂପ । ଏହି ସ୍ମାର୍ଟ ବ୍ରଶ୍ କଟିଂ ଏଜ ସୋନିକ ଟେକ୍ନୋଲୋଜି ବ୍ୟବହାର କରି ଦାନ୍ତରୁ ମଇଳା ସଫା କରିବା ଲାଗି ଅଲଟ୍ରା ଫାଷ୍ଟ ଗତିରେ କାର୍ଯ୍ୟକରେ । ଏହା ଓକ୍ଲିନ ଆପ୍ ଦ୍ୱାରା ପରିଚାଳିତ ହୋଇଥାଏ ଯାହା ବ୍ୟବହାର କାରୀଙ୍କ ବୟସ, ଲିଙ୍ଗ, ଖାଦ୍ୟାଭ୍ୟାସ ଆଧାରରେ ବ୍ରଶ୍ଟି

କରିବାର ଯୋଜନା ସଞ୍ଚାଳିତ କରିଥାଏ । ବିଭିନ୍ନ ପର୍ଯ୍ୟାୟର ସମୟ ଏବଂ ତୀବ୍ରତାକୁ ବାଛି ଉପଭୋକ୍ତା ସଠିକ୍ ଭାବେ ଦାନ୍ତ ଘଷି ପାରନ୍ତି । ଆପ ଦ୍ୱାରା ଦାନ୍ତ ଘଷିଲେ ହାବଭାବରେ ସୁଧାର ଆଣିବା ସମ୍ପର୍କିତ ତଥ୍ୟ ମିଳିପାରେ । ଏହି ବ୍ରଶ୍ ଖୁବ୍ ହାଲକା, ଉଚ୍ଚ କ୍ଷମତାସମ୍ପନ୍ନ ବ୍ୟାଟେରି ବି ଏଥିରେ ରହିଛି । ୩୦ଦିନ ବ୍ୟବହାର କରିବା ପରେ ଘଣ୍ଟାଟିଏ ଏହି ବ୍ରଶ୍ ଚାର୍ଜ କରିବା ଦରକାର । ସ୍ମାର୍ଟ ଆପ୍ଲିକେସନ ବ୍ରଶର ଉପରିଭାଗକୁ ଟ୍ରାକ୍ କରି ସଠିକ୍ ସମୟରେ ଏହାକୁ ବଦଳାଇବାର ସୂଚନା ଦିଏ ।

ଟ୍ୟୁମର୍ ବାହାର୍ କରିବ ରୋବୋଟିକ୍ ହାତ

ମୁହଁ,ଗଳା ଓ ବେକ କ୍ୟାନସରରେ ପୀଡ଼ିତ ରୋଗୀଙ୍କ ପାଇଁ ଏବେ ରୋବୋଟିକ ସର୍ଜରୀ ସହଜରେ ଉପଲବ୍ଧ ହୋଇପାରୁଛି । କେମୋଥେରାପି ବା ରେଡିଏସନ ବଦଳରେ ରୋବୋଟିକ ସର୍ଜରୀର ବ୍ୟବହାର କରାଯାଇପାରିବ । ଏହି ସାହାଯ୍ୟରେ ପାଟି, ଗଳା ଓ ଟ୍ୟୁମର ବାହାର କରାଯାଇପାରିବ । କୌଶଳରେ ମୁହଁ ବା ବେକ କର୍କଟ ମୁହଁକୁ କାଟିବାକୁ ପଡ଼େନାହିଁ । ସର୍ଜରୀ ବେକରୁ ଏହି ରୋଗୀଙ୍କ ସର୍ଜରୀରେ ବ୍ୟବହୃତ ରୋବଟର କେତୋଟି ହାତ ରହିଛି । ଏହି ହାତରେ କ୍ୟାମେରା ଲାଗିଥାଏ । ଏହି କ୍ୟାମେରା ମାଧ୍ୟମରେ ମୁହଁ ଗଳା ଓ ବେକର ଯେଉଁ ଭାଗରେ ଟ୍ୟୁମର ଥାଏ ଓ ଯେଉଁଠିକୁ ଡାକ୍ତରଙ୍କ ହାତ ପହଞ୍ଚିପାରେ ନାହିଁ, ସେହି ଭାଗକୁ ରୋବଟ ହାତ ପହଞ୍ଚିପାରେ ଓ ଟ୍ୟୁମରକୁ ବାହାର କରିଦେଇଥାଏ । ଏହି କୌଶଳ ଜରିଆରେ ଫୋର୍ଟିସ ମେମୋରିଦଆଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ୫୦୦ ଅପରେସନ କରାଗଲାଣି । ଏଥିରେ ହସପିଟାଲରେ ଥିବା ୫୭ ରୋଗୀଙ୍କ ମଧ୍ୟରୁ ୪୩ଜଣ ରୋଗୀ କ୍ୟାନସର ମୁକ୍ତ ହୋଇପାରିଥିବା ଡାକ୍ତର କହିଛନ୍ତି । କେମୋଥେରାପି ଓ ରେଡ଼ିଏସନରେ ୭ ସପ୍ତାହ ଲାଗଉଥିବା ବେଳେ ଏହି ଉପାୟରେ ମାତ୍ର ୭ଦିନରେ ରୋଗୀ ଠିକ୍ ହୋଇତାଏ । ମାତ୍ର ୨୦ ମିନିଟରେ ଏହି ଅପରେସନ ସଫଳ ହୋଇଥାଏ । ମାତ୍ର ୪/୫ ଦିନ ପରେ ରୋଗୀକୁ ହସପିଟାଲରୁ ମୁକ୍ତି ମିଳିଯାଇଥାଏ । । ଏଥିରେ ଯନ୍ତ୍ରଣା କମ ହେବା ସହ ରକ୍ତ ମଧ୍ୟ କମ୍ କ୍ଷୟ ହୋଇଥାଏ ।

ଓଜନ ଓ ପେଶୀ ବଢ଼ାଇବା ପାଇଁ

ସାଧାରଣ ଭାବେ ଅନେକ ମୋଟାରୋଟା ଦିଶିବା ପାଇଁ ଚାହାଁନ୍ତି । ଏହାର ଅର୍ଥ, ଶରୀରରେ ମେଦ ନୁହେଁ, ମାଂସପେଶୀ ବା ଲିନ୍ ମାସ ବଢ଼ାଇବା । ଏଥିପାଇଁ ସାରା ଦିନରେ କ'ଣ ଖାଇବା ? ୧.ଆଠ ଦଶଟି ରୁଟି ବା ଏଣ୍ଟୁରି ପିଠା ବା ଥାଳିଏ ଭାତ, ୨.ଯଦି ଶାକାହାରୀ ହୋଇଥାନ୍ତି ଏକ ଗିନା ଡାଲି, ଗୋଟିଏ ଅଣ୍ଡା ବା ଦୁଇଖଣ୍ଡ ମଧ୍ୟମ ଧରଣର ମାଂସ ୩. ତିନିଶହ ମିଲିଲିଟର ଦୁଗ୍ଧ ବା ତିନି ଗିନା ଦହି, ୪. ଦୁଇଟି ଫଳ, ଏକ ବଡ଼ ଚାମଚ ଶାଗ ଓ ଦୁଇ ଗନା ତରକାରି, ୫. ସାତ-ଆଠଟି ଆଲମଣ୍ଡ୍ ବା ଦୁଇ-ତିନିଟି ଓ୍ୱାଲନଟ ୬. ପାଞ୍ଚ ଚାମଚ ତେଲ ବା ଘିଅ ବା ଲହୁଣି, ୭. ତିନି-ଚାରି ଚାମଚ ଚିନି ବା ମହୁ । ଏସବୁକୁ ତିନିଟି ମୁଖ୍ୟ ଖାଦ୍ୟ ଏବଂ ଦୁଇଟି ଜଳଖିଆରେ ବିଭକ୍ତ କରି ଖାଆନ୍ତୁ । ସାରା ଦିନରେ ଏତିକି ହିଁ ଖାଇବେ । ସପ୍ତାହରେ ଛଅ ଦିନ ଜିମରେ ବ୍ୟାୟାମ କରନ୍ତୁ । ବ୍ୟାୟାମର ଏକ ଘଣ୍ଟା ପୂର୍ବରୁ ତିନି ଶହ କାଲୋରିର ଜଳଖିଆ (ଗୋଟିଏ ସାଣ୍ଡ୍ ଉଇଚ୍ ବା ଗୋଟିଏ ପରଟା ସହ ମୁଠାଏ ଗଜା ମୁଗ ବା ବୁଟ, ଦୁଇ ଖଣ୍ଡ କୁକୁଡ଼ା ମାଂସ ବା ଗୋଯିଏ ଅଣ୍ଡା) ଖାଆନ୍ତୁ । ବ୍ୟାୟାମର ଦୁଇ ଘଣ୍ଟା ପୂର୍ବରୁ ଦୁଇ ଗ୍ଲାସ ପାଣି ପିଅନ୍ତୁ । ବ୍ୟାୟାମ ବେଳେ ମଧ୍ୟ ଅଳ୍ପ ଅଳ୍ପ ପାଣି ପିଇପାରନ୍ତି । ବ୍ୟାୟାମ ପରବର୍ତ୍ତୀ

ଏକଘଣ୍ଟା ଶରୀର ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହି ସମୟ ମଧ୍ୟରେ ଶରୀର ଉଭୟ ପୁଷ୍ଟିସାର ଓ ଶ୍ୱେତସାର ଜାତୀୟ ଖାଦ୍ୟ ଲୋଡ଼େ । ନ ଖାଇଲେ, ମାଂସପେଶୀର ତନ୍ତୁ ନଷ୍ଟ ହେବାର ଆଶଙ୍କା ଅଧିକ । ବ୍ୟାୟାମ ପରେ ସ୍ନେହସାର ଜାତୀୟ ଖାଦ୍ୟ ଖାଇବା ଅନୁଚିତ । ବ୍ୟାୟାମ ପରେ ଫଳ, ଛେନା, ଗୁଡ଼-ଚଣା, ପରଟା-ତରକାରି, ପରଟା ଦହି, ଭାତ-ସିଝା କୁକୁଡ଼ା ମାଂସ ଆଦି ଖାଇପାରନ୍ତି । ଏହି ପଦ୍ଧତିରେ ଭୋଜନ କଲେ କିଛି ସପ୍ତାହ ଭିତରେ ଓଜନ ବଢ଼ିବ, ନୂଆ ମାଂସପେଶୀ ସୃଷ୍ଟି ହେବ ।

କଫ ସମସ୍ୟା

♦ଅଧ କପ ଉଷୁମ ପାଣିରେ ଏକ ଚାମଚ ହଳଦି ଗୁଣ୍ଡ, ଏକ ବାମ ଗୋଲମରିଚ ଗୁଣ୍ଡ ଓ ଏକ ଚାମଚ ମହୁ ଫେଣ୍ଟନ୍ତୁ । । ଉଷୁମ କରି ଦିନରେ ଦୁଇଥର ସେବନ କଲେ, ସୁଫଳ ମିଳିବ ।

♦ଅଦାକୁ ଛୋଟ ଛୋଟ ଖଣ୍ଡରେ କାଟି, ଉଷୁମ ପାଣିରେ ପକାଇ, ଦିନରେ ଦୁଇ ତିନିଥର ପିଅନ୍ତୁ । ଅଦା ଫୁଟା ପାଣିରେ ମହୁ ଫେଣ୍ଟି ପିଇଲେ, କଫ, ଛାତି ବ୍ୟଥାଦୂର ହୁଏ ।

♦କଫ, ଗଳା ବ୍ୟଥା ଦୂର ପାଇଁ ଯଷ୍ଟିମଧୁ ଚେର ଉପକାରୀ । ଦୁଇ ଚାମଚ ଶୁଖିଲା ଯଷ୍ଟିମଧୁ ଚେର ଗୁଣ୍ଡକୁ ଉଷୁମ ପାଣିରେ ପକାଇ କୁଳିକରନ୍ତୁ ।

ଦୁଇ କପ୍ ପାଣିରେ ଏକ ଚାମଚ ମହୁ ଓ ଆଠ ଦଶଟି ଗୋଲମରିଚ ପକାଇ ଦଶ ମିନିଟ୍ ଫୁଟାନ୍ତୁ । ସାମାନ୍ୟ ଉଷୁମ ଥିବା ଅବସ୍ଥାରେ ଦିନରେ ଦୁଇଥର ପିଅନ୍ତୁ ।

♦ଚାରିକପ ପାଣିରେ ତିନି ଚାମଚ କଟା ଅଦା ଖଣ୍ଡ, ଏକ ଚାମଚ ଶୁଖିଲା ପୋଦନା ପତ୍ର ଓ ଏକ କପ ମହୁ ଫୁଟାଇ ଛାଣିଦିଅନ୍ତୁ । ଥଣ୍ଡା ହେବା ପରେ ଦିନରେ ତିନିଥର ଦୁଇ ସପ୍ତାହ ଯାଏ ସେବନ କଲେ କଫ ସମସ୍ୟା ଦୂରହୁଏ ।

ଅଦା ଖାଇବା ପୂର୍ବରୁ ଜାଣିରଖନ୍ତୁ

- ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଅଦା ଏକ ଉପଯୋଗୀ ପରିବା । ପ୍ରତ୍ୟେକଦିନ ବିଭିନ୍ନ ଖାଦ୍ୟଦ୍ରବ୍ୟରେ ଏହାର ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପବାରୀ । ସକାଳୁ ଖାଲିପେଟରେ ନଖଉଷୁମ ପାଣି ଗିଲାସରେ ଅଧ ଚାମଚ ଅଦା ରସ ମିଶାଇ ପିଇଲେ ସମସ୍ତ ପେଟ ସମସ୍ୟା ଦୂର ହୋଇଥାଏ ।
- ଅଦା ଫୁଟା ପାଣି ପିଇଲେ କାଶ ଦୂର ହେବା ସହ ଶରୀରକୁ ଶକ୍ତି ପ୍ରଦାନ କରେ ।
- ସକାଳବେଳା ଅଦା ଚା ପିଇବା ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ତଥ୍ୟରୁ ଜଣାପଡ଼ିଛି ।
- ଗର୍ଭବତୀ ମହିଳା ଅଦା ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କାରଣ ଗର୍ଭାବସ୍ଥାର ଶେଷ ୩ମାସରେ ଅଦା ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ ବୋଲି କେତେକ ତଥ୍ୟରୁ ପ୍ରକାଶ ।
- ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ଅଦା ଚା କିମ୍ବା ଅଦାମିଶ୍ରିତ ପାଣି ପିଇବା ଉତ୍ତମ । ତେବେ ଦୁର୍ବଳ ବ୍ୟକ୍ତି ଅଦା ଉପଯୋଗ ନକରିବା ଉଚିତ ।
- ରକ୍ତସମ୍ପର୍କିତ କୌଣସି ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ଅଦାର ସେବନ କରିବା ଅନୁଚିତ ।

ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି ବୃଦ୍ଧି ଦାବୀ

ନୂଆପଡା,୩୧।୭ (ନି.ପ୍ର): ନୂଆପଡା ଜିଲ୍ଲାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୟାବହ ମରୁଡିର ପଦଧ୍ୱନୀ ଶୁଭିଲାଣି । ଜୁଲାଇ ମାସ ଶେଷ ହେଲାଣି ତଥାପି ଆବଶ୍ୟକ ପରିମାଣରେ ବର୍ଷା ହୋଇନାହିଁ । ଏପର୍ଯ୍ୟନ୍ତ ରୁଆ କାର୍ଯ୍ୟ ଆରମ୍ଭ ହୋଇନଥିବା ବେଳେ ବୁଣିଥିବା ଧାନ ଗଛ ଏବଂ ତଳି ସବୁ ମରିବାକୁ ବସିଲାଣି । ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଏକ ମାତ୍ର ସାହା ପ୍ରଧାନମନ୍ତ୍ରୀ ଫସଲ ବୀମାର ନୀତିନିୟମ ଏବଂ ଅନଲାଇନ ମାଧ୍ୟମରେ ଆବେଦନ ପ୍ରକିୟା ତାଙ୍କୁ ହତୋତ୍ସାହିତ କରି ପକାଉଛି । ଅନ୍ୟବର୍ଷ ମାନଙ୍କରେ ବ୍ୟାଙ୍କ ମାନେ ସିଧାସଳଖ ଚାଷୀ ମାନଙ୍କ ଠାରୁ ଆବେଦନ ପତ୍ର ଓ କୃଷି ବୀମା ରାଶି ଗ୍ରହଣ କରୁଥିବା ବେଳେ ଚଳିତ ବର୍ଷ ଅନଲାଇନ ମାଧ୍ୟମରେ ଆବେଦନ କରିବାର ନିୟମ ରହିଛି । ଫଳରେ ଚାଷୀ ମାନେ ନାନା ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି । ଚାଷୀ ବୀମା କରିବା ପାଇଁ ବିଭିନ୍ନ ସିଏଚସି ସେ ର ମାନଙ୍କରେ ଲମ୍ବା ଲାଇନ ଲଗାଇ ରହୁଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ୱେବସାଇଟ ଅନେକ ସମୟରେ ଅଚଳ ରହୁଥିବାରୁ ଚାଷୀଙ୍କୁ ବୀମା କରିବା ପାଇଁ ଘଂଟା ଘଂଟା ସମୟ ଲାଇନରେ ଲାଗିବାକୁ ପଡୁଛି । ଏପରିକି ମଧ୍ୟରାତ୍ରରେ ମଧ୍ୟ ଅଟକି ରହି ଚାଷୀ ସେମାନଙ୍କ ଜମିର ବୀମା କରୁଛନ୍ତି । ଅନ୍ୟପକ୍ଷରେ ବର୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ୫ ପ୍ରତିଶତରୁ କମ ପ୍ରତିଶତ ଚାଷୀ ସେମାନଙ୍କ ଜମିର ବୀମା କରିଥିବା ବେଳେ ବର୍ତମାନ ମଧ୍ୟ ୯୫ ପ୍ରତିଶତ ଚାଷୀ ବୀମା କରିବାରୁ ବ୍ୟତ ହୋଇଛନ୍ତି । ଫଳରେ କୃଷି ବୀମା ଅବଧି ବୃଦ୍ଧି କରଯିବାର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି ବୃଦ୍ଧି କରିବାକୁ ଜିଲ୍ଲାର କୃଷକ ମହଲରେ ଦାବୀ ହେଉଛି । ନଚେତ ଆଗାମୀ ଦିନରେ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଚାନ୍ଦବାଲି ବ୍ଲକରେ ଭିଜିଲାନ୍ସ ତଦନ୍ତ ଦାବୀ କଲା ପିସିସି

ଭଦ୍ରକ, ୩୧/୭ (ହି.ସ.) - ଚାନ୍ଦବାଲି ବ୍ଲକ ଏବଂ ବିଜ୍ଞାପିତ ଅଂଚଳରେ ଶାସକ ଦଳ ର ବ୍ରିଟିସରାଜ ଚଳାଇଛି । ଅମଲାତନ୍ତ୍ରକୁ ହାତବାରିସ କରି ଏହାର ଅପବ୍ୟବହାର କରିବା ଫଳରେ ଚାନ୍ଦବାଲି ବଜ୍ଞାପିତ ଅଂଚଳ ତଥା ଚାନ୍ଦବାଲି ପଂଚାୟତ ସମିତି ଅର୍ନ୍ତଗତ ୩୬ଟି ପଂଚାୟତରେ ବହୁ ଜନହିତକର କାର୍ଯ୍ୟ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି । ଏହି ବ୍ଲକରେ ସମସ୍ତ କାର୍ଯ୍ୟରେ ପ୍ରକୃତ ହିତାଧିକାରୀ ଚୟନ କରା ନଯାଇ ଦଳୀୟ ସମର୍ଥକଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯାଉଛି । ସରକାରଙ୍କ ଖାଉଟି ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ବାର୍ଧକ୍ୟ ଏବଂ ବିଧବା ଭତା ଆଦିରେ ପାତର ଅନ୍ତର କରାଯାଉଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ବର୍ଷ ବର୍ଷ ଧରି ଉପେକ୍ଷା କରାଯାଉଛି । ଚାନ୍ଦବାଲି ବିଧାୟକ , ପଂଚାୟତ ସମିତି ଅଧ୍ୟକ୍ଷା ଏବଂ ତାଙ୍କ ପ୍ରତିନିଧିଙ୍କ କୁଚକ୍ରାନ୍ତରେ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ କାର୍ଯ୍ୟ କରୁଛନ୍ତି । ଗରିବ ଲୋକଙ୍କ ରାସନ ସାମଗ୍ରୀରୁ ବଂଚିତ କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ କରାଯାଉଛି । ଦଳୀତ ଭିତିରେ ନିଜ କର୍ମୀ ମାନଙ୍କୁ ଦୁଇ ଦୁଇ ଥର ପକ୍କା ଘର ଯୋଗାଇ ଦିଆ ଯାଉଥିବା ବେଳେ ଗରିବ ଅସହାୟ ପ୍ରକୃତ ହିତାଧିକାରୀଙ୍କୁ ହଇରାଣ କରାଯାଉଛି । ଚାନ୍ଦବାଲି ବ୍ଲକର ବିଭିନ୍ନ ପଂଚାୟତରେ ପାଣି,ଶିକ୍ଷ,ଗମନାଗମନ ଆଦି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଜନସାଧାରଣଙ୍କୁ ମୌଳିକ ଅଧିକାରରୁ ବଂଚିତ କରାଯାଉଛି । ପ୍ରକୃତ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ଦଳ ପରିବର୍ତନ କରିବା ପାଇଁ ବାଧ୍ୟ କରାଯାଉଛି । ଦଳ ପରିବର୍ତନ କଲେ ସରକାରୀ ଯୋଜନାରେ ଚାଉଳ, ଗହମ, ଡାଲି ମିଳିବ ନହେଲେ ସେମାନଙ୍କୁ କିଛି ମିଳିବ ନାହିଁ ବୋଲି ଧମକ ଦିଆଯାଉଛି । ବିଭିନ୍ନ ଫଂଚାୟତରେ ବହୁ ହିତାଧଯିକାରୀଙ୍କ ଅଗୋଚରରେ ସେମାନଙ୍କ ଖାଉଟି ସାମଗ୍ରୀ ହଡପ କରାଯାଇ ନେତା, ଅଫିସର ଙ୍କ ମଧ୍ୟରେ ଭାଗବଂଟା କରାଯାଉଛି । ଦୋସିଙ୍ଗା, ନଳଗୋହିରା, ଓରାସାହି ଫଂଚାୟତରେ ଦୁର୍ନୀତି ସୀମା ଲଂଘନ କରିଛି ।ବିଲ ନୂଆଗାଁରୁ କୁଆଁରୀକାନ୍ଥି ରାସ୍ତା ୫କି.ମି ହୋଇଥିବା ବେଳେ ଏହି ରାସ୍ତାରେ ଯିବା ଆସିବ ଅସମ୍ଭବ ହୋଇ ପଡୁଛି । ଏହି ରାସ୍ତାରେ ଆମ୍ବୁଲାନ୍ସ,କି ଦମକଳ ଗାଡି ଯାଇ ପାରୁନଥିବା ବେଳେ ଅଂଚଳବାସୀ ସାଙ୍ଗିଭାରରେ ରୋଗୀକୁ ମେଡିକାଲକୁ ନେଉଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ହୋଇପଡିଛି । ଏହି ଗାଁକୁ ରାସ୍ତା ପାଇଁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କିମ୍ବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଦେଇ ଭୋଟ ବ୍ୟାଙ୍କ ବଢାଇବା ମସୁଧାରେ ଶାସକ ଦଳ ଅପଚେଷ୍ଟା ଚଳାଇଛନ୍ତି । କୁଆଁରୀକାନ୍ତୀ ଭାୟା ବିଲନୂଆଗାଁ ରାସ୍ତା ଦୀର୍ଘ ଦିନରୁ ହୋଇଥିବା ବେଳେ ଏହି ରାସ୍ତା ଉଦ୍ଦେଶମୂଳକ ଭାବରେ କାର୍ଯ୍ୟ କରାଯାଉ ନାହିଁ । ସେହିପରି ପିରହାଟ ଠାରୁ ମାଧପୁର ଭାୟା ହେଙ୍ଗୁପତି ରାସ୍ତାକୁ ଲେଉଟିଆ କିଆରୀ ଭାବରେ ଶାସକ ଦଳ ବାଛି ନେଇଛି । ପ୍ରତ୍ୟେକବର୍ଷ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରୁଛନ୍ତି । ଏହାର ପ୍ରତିବାଦରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଭାବରେ ଚାନ୍ଦବାଲି ବିଡିଓଙ୍କ ଏହି ବାବଦରେ ଲିଖିତ ଅବଗତ କରାଯାଇଛି ଯଦି ଆଗାମୀ ଦିନରେ ବ୍ଲକ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରା ନଯାଏ ଜନସାଧାରଣଙ୍କୁ ସରକାରୀ ଯୋଜନାରେ ସାମିଲ କରା ନଯାଏ ତାହାହେଲେ ପ୍ରଦେଶ କଂଗ୍ରେସ କମିଟି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଜାରୀ ରଖିବ ବୋଲି ଏକ ପ୍ରେସ ବିବୃତି ମାଧ୍ୟମରେ ଜଣାଇଛି ।

ବନ୍ଧଡିହ ମାଛ ଦୋକାନରୁ ଚୋରୀ ଅଭିଯୋଗ, ସନ୍ଦେହରେ ୨ ଅଟକ

ଧର୍ମଶାଳା,୩୧।୭ (ନି.ପ୍ର): ଯାଜପୁର ଜିଲାରେ କରୋନା ସଂକ୍ରମଣକୁ ସମସ୍ତେ ଚିନ୍ତିତ । କରୋନା ନିୟମ ଅନୁଯାୟୀ ବ୍ୟବସାୟୀମାନେ ସକାଳ ୬ରୁ ମଧ୍ୟାହ୍ନ ୧ ସମୟ ପର୍ଯ୍ୟନ୍ତ ଖୋଲା ରଖୁଛନ୍ତି । ମଧ୍ୟାହ୍ନରୁ ପୁରା ରାତି ତମାମ ବନ୍ଦ ରହୁଛି । ଫଳରେ କିଛି ଦୃବୃତ ଏହାର ସୁଯୋଗ ନେଇ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରୁ ବିଭିନ୍ନ ଉପାୟରେ ଚୋରୀ କରୁଛନ୍ତି । ଯାହାକୁନେଇ ବ୍ୟବସାୟୀ ମହଲରେ ଚିନ୍ତାର କାରଣ ପାଲଟିଛି । ଗତ କାଲି ଧର୍ମଶାଳା ଥାନା ଅନ୍ତର୍ଗତ ବନ୍ଧଡିହ ହାଟ ନିକଟରେ ଥିବା ଏକ ମାଛ ଦୋକାନରୁ ଏକ କ୍ୱିଂଟାଲରୁ ଉର୍ଦ୍ଧ ମାଛ ଦୃବୃତମାନେ ନେଇଯାଇଥିବା ନେଇ ମାଛ ବ୍ୟବସାୟୀ ନହନଙ୍ଗରା ଗ୍ରାମର ଜଇନ ମଲିକ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ ଚଳାଇ ସନ୍ଦେହରେ ସ୍ଥାନୀୟ ଅଂଚଳର ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ଅଭିଯୋଗ ମୁତାବକ ଗତ କାଲି ଦିବା ଗୋଟାଏ ସମୟରେ ଜଇନ ମାଛ ଦୋକନ ବନ୍ଦ କରି ଘରକୁ ଯାଇଥିଲେ । ଆଜି ସକାଳେ ଦୋକାନକୁ ଆସି ତାଙ୍କ କ୍ୟାବିନ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଦୋକାନରେ ଥିବା ୧ କ୍ୱିଂଟାଲରୁ ଉର୍ଦ୍ଧ ମାଛ ଦୃବୃତମାନେ ନେଇଯାଇଥିବା ଜାଣିବାକୁ ପାଇଥିଲେ । ଏବଂ ନିକଟରେ ଥିବା ଶରତ ସାହୁଙ୍କ ବ୍ୟବସାୟ ପ୍ରତିଷ୍ଠାନର ସିସି କ୍ୟାମେରା ଭଙ୍ଗା ଯାଇଥିବା ଜଣାପଡିଥିଲା । ତେବେ ଏହି ଘଟଣାକୁ ନେଇ ଜଇନ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ କରିବା ସହ ଭଙ୍ଗା ଯାଇଥିବା ସିସି ହାଡ ଜିସ୍କକୁ ଯାଂଚ କରିବା ସହ ସିସି ଫୁଟେଜକୁ ଆଧାର କରି ସନ୍ଦେହରେ ସ୍ଥାନୀୟ ଅଂଚଳର ୨ ଜଣ ଯୁବକକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଖୁବ ଶ୍ରୀଘ୍ର ଅଭିଯୁକ୍ତମାନଙ୍କୁ ଠାବ କରାଯିବ ବୋଲି ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି । ତେବେ ଏହି ଚୋରୀ ଘଟଣାକୁ ନେଇ ସ୍ଥାନୀୟ ବ୍ରବସାୟ ମହଲରେ ଭୟ ସୃଷ୍ଟି ହୋଇଛି ।

ବରୀରେ ମ୍ୟାଟ୍ରିକ ଟପରଙ୍କୁ ଭେଟିଲେ ବିଧାୟିକା

ଧର୍ମଶାଳା,୩୧।୭ (ନି.ପ୍ର): ଗତ କାଲି ମ୍ୟାଟ୍ରିକ ପରୀକ୍ଷା ଫଳ ବାହାରିଛି । ରାଜ୍ୟରେ ପାସ୍ ହାର ୭୩.୬୩ ରହିଛି । ଯାଜପୁର ଜିଲା ବରୀ ବ୍ଲକ ଅନିକଣା,ବାଲିଆ ଓ ରାମଚନ୍ଦ୍ରର ଅଂଚଳର ଗ୍ରେଡ ଏ-୧ରେ ପାସ କରିଥିବା କୃତି ଛାତ୍ରଛାତ୍ରୀଙ୍କ ପରିବାର ନିକଟରେ ବରୀ ବିଧାୟିକା ସୁନନ୍ଦା ଫଂହଚି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଭଲ ମଣିଷ ହୋଇ ନିଜକୁ ଗଢି ତୋଳିବା ପାଇଁ କହିବା ସହ ଆଶୀର୍ବାଦ ଦେଇଥିଲେ । ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ,ବିଜେଡି ବ୍ଲକ ସଭାପତି କେଦାର ସାମଲ,ରଂଜନ ପଣ୍ଡା ଓ ପ୍ରଧାନଶିକ୍ଷକ ନିର୍ମଳ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

ଅଭୂତ ପୂର୍ବ ସଫଳତା ଦୋହରାଇଲା ସାଇ ବିଦ୍ୟାମନ୍ଦିର

ବାରିପଦା,୩୧।୭ (ନି.ପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସାର୍ଟିଫିକେଟ ପରୀକ୍ଷାର ଫଳ ବୁଧବାର ପ୍ରକାଶ ପାଇଯାଇଛି ।ବହୁ ଘାତ ପ୍ରତିଘାତ ମଧ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ବାହାରିଥିବା ବେଳେ ରେଜଲ୍ଟ ମଧ୍ୟ ବେଶ୍ ଉତ୍ସାହଜନକ ରହିଛି ।ଚଳିତ ବର୍ଷ ମାଟ୍ରିକ ସାର୍ଟିଫିକେଟ ପରୀକ୍ଷାରେ ସାଇ ବିଦ୍ୟାମନ୍ଦିରର ଛାତ୍ର ଛାତ୍ରୀ ମାନେ ଅଭୂତ ପୂର୍ବ ସଫଳତା ହାସଲ କରିଛନ୍ତି । ଶିକ୍ଷାନୁଷ୍ଠାନର ମୋଟ ୮୯ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଦୀପକ କୁମାର ମୁର୍ମୁ ୫୬୩ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନିତ କରିଛନ୍ତି । ସେହିପରି ଶିକ୍ଷାନୁଷ୍ଠାନର କୌଶିକ ବେହେରା ୫୫୭, ପାର୍ଥସାରଥୀ ଭୋଇ ୫୫୫, ବାଦଲ କୁମାର ସାହୁ ୫୫୨, ନମିତା ନାଥ ୫୪୩, ଶ୍ରେୟା ମିଶ୍ର ୫୪୧ ପ୍ରମୁଖ ଏ୧ ଆସନ ଅଳଙ୍କୃତ କରିଛନ୍ତି । ଏଥି ସହିତ ଶିୟାନୁଷ୍ଠାନର ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୨୨ଜଣ ୮୦ ପ୍ରତିଶତରୁ ଅଧିକ, ୪୫ଜଣ ୭୦ ପ୍ରତିଶତରୁ ଅଧିକ, ୬୮ଜଣ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ଶିକ୍ଷାନୁଷ୍ଠାନ ପାଇଁ ସଫଳତା ଆଣି ଦେଇଛନ୍ତି । ପୂର୍ବ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ସାଇ ବିଦ୍ୟା ମନ୍ଦିରର ଶତ ପ୍ରତିଶତ ସଫଳତାର ହାର ରହିଛି ।ସେହିପରି ପିସିସି ଶିକ୍ଷାନୁଷ୍ଠାନର ମଧ୍ୟ ଶତ ପ୍ରତିଶତ ସଫଳତାର ହାର ରହିଛି ।ମୋଟ ୬୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦୀପିକା ମୁର୍ମୁ ସର୍ବାଧିକ ୫୨୫ ନମ୍ବର, ପ୍ରତୀକ୍ଷା ପଣ୍ଡା ୫୧୭, ସୁଦେଶନା କୁଇଲା ୫୦୦, ଶ୍ରାବଣୀ ଦାସ ୪୯୮, ଆକାଶ ଗିରି ଓ ମୋନାଲିସା ସ୍ୱାଇଁ ୪୮୧ ନମ୍ବର ରଖି ଅନୁଷ୍ଠାନ ପାଇଁ ସଫଳତା ଆଣି ଦେଇଛନ୍ତି । ଅନ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୧୬ଜଣ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୩୦ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ହାସଲ କରିଛନ୍ତି । ପରିଶେଷରେ ଅନୁଷ୍ଠାନର ମହା ପ୍ରବନ୍ଧକ ଙ୍କ ପ୍ରଭନ ରାଉତ କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତାର କାମନା କରିଛନ୍ତି ।

ପ୍ରଶାସନ ସାନିଟାଇଜ କଲାନି-ଗାଁ ଯୁବକ ନିଜ ଉଦ୍ୟମରେ କଲେ ସାନିଟାଇଜ

ନୂଆପଡା,୩୧।୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମରେ ଗତ ୨୮ ତାରିଖ ଦିନ ୪ ଜଣ କୋଭିଡ ପୋଜିଟିଭ ଚିହ୍ନଟ ହୋଇଥିଲେ । ବର୍ତମାନ ଚିହ୍ନଟ ଏହି ୪ ଜଣ କୋଭିଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ନେହେନା ସରପ ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ୭୨ ଘଂଟିଆ ନେହେନା ପଂଚାୟତ ସଟ୍‌ଡାଉନ ଘୋଷଣା କରିଥିଲେ । ଏହି ସଟ୍‌ଡାଉନ ଆସନ୍ତାକାଲି ଶେଷ ହେବ । ହେଲେ କୋଭିଡ ପୋଜିଟିଭ ଚିହ୍ନଟ ହୋଇଥିବା ନେହେନା ଗ୍ରାମର ଖମାରୀପଡାକୁ ପଂଚାୟତ କିମ୍ବା ଅଗ୍ନୀସମ ବିଭାଗ ପକ୍ଷରୁ କୌଣସି ପ୍ରକାରର ସେନିଟାଇଜ କରାଗଲାନାହିଁ । ଏନେଇ ପଡାର ଯୁବକ ମାନେ ସରପଂଚଙ୍କ ସହ ଅଗ୍ନୀସମ ବିଭାଗକୁ ବାରମ୍ବାର ଜଣାଇ ସାନିଟାଇଜ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେମାନେ ବିଭିନ୍ନ ବାହାନା କରି ସାନିଟାଇଜ କରିନଥିଲେ । ଶେଷରେ କୌଣସି ସୁଫଳ ନମିଳିବାରୁ ଭୟଭୀତ ଅବସ୍ଥାରେ ଥିବା ପଡାର ଯୁବକ ମାନେ ମାନବିକତାର ପରିଚୟ ଦେଇ ସାନିଟାଇଜ କରିଛନ୍ତି । ସେମାନେ ସେମାନଙ୍କ ମଧ୍ୟରେ ଚାନ୍ଦା ସଂଗ୍ରହ କରି ବିଭିନ୍ନ ସାନିଟାଇଜ ସାମଗ୍ରୀ କିଣି ଗୁରୁବାର ପଡାକୁ ସାନିଟାଇଜ କରିଛନ୍ତି । ଅନ୍ୟପକ୍ଷରେ ପଡାର ଯୁବକ ମାନଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଳରେ ପ୍ରଶଂସା କରାଯାଇଛି । ଏଥିରେ ପଡାର ଯୁଗଳ କିଶୋର ଦଣ୍ଡସେନା, ଆଶୁତୋଷ, ଅଶୋକ, ନବୀନ, ଶେଷଦେବ, ପିଙ୍କୁ, ରାହୁଲ, ସାଗର, ସୁବ୍ରତ, ଆଦର୍ଶ, ଅମରେଶ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଯୁବକ ସାମିଲ ଥିଲେ ।

କୁଶପଲ୍ଲୀ ଗ୍ରାମରେ ବ୍ୟାପୀଲା ଝାଡ଼ାବାନ୍ତି : ୩୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଗଞ୍ଜାମ,୩୧।୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ୍ ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତି ରୋଗ ବ୍ୟାପୀ ୩୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏହି ଗ୍ରାମରେ ବିଶୁଦ୍ଧ ପାଣି ବ୍ୟବସ୍ଥା ନଥିବାରୁ ଲୋକେ କୂଅ ପାଣି ବ୍ୟବହାର କରି ଅସୁସ୍ଥ ହୋଇପଡିଥିବା ଜଣାପଡିଛି । ଏ ସମ୍ପର୍କରେ ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଂଚି ଜଳ ବିଶୋଧନ ଓ ଚିକିତ୍ସା ସେବା ଯୋଗାଉଛନ୍ତି ବୋଲି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଦାଶ କିରଣ କୁମାର ସୂଚନା ଦେଇଛନ୍ତି । ଜଗନ୍ନାଥ ପ୍ରସାଦ ବିଡ଼ିଓ ସୁରେଶ ଚନ୍ଦ୍ର ପଣ୍ଡା ଗ୍ରାମ ପରିଦର୍ଶନରେ ଯାଇ ଲୋକଙ୍କୁ ଏନେଇ ସଚେତନ କରିଛନ୍ତି । ଅନ୍ୟପକ୍ଷରେ ଆକ୍ରାନ୍ତଙ୍କ ମଧ୍ୟରୁ କେତେକ ଗୁରୁତର ହେବାରୁ ସେମାନଙ୍କୁ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ସେମାନେ ହେଲେ ସ୍ୱାଗତ ସେନାପତି, ପ୍ରଶାନ୍ତ ସାହୁ, ବୁଲୁ ସୁନ୍ଦରା, ରିନା ପ୍ରଧାନ, ମମିତା ଶତପଥି, ବିବିନା ପ୍ରଧାନ, ଦାମିନୀ ସେନାପତି ଚିକିତ୍ସିତ ହେଉଥିବା ନେଇ ବିଡ଼ିଓ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

ଗୋହତ୍ୟା ବନ୍ଦ କରିବା ପାଇଁ ଏସପିଙ୍କୁ ଦାବିପତ୍ର

ପୁରୀ,୩୧।୭ (ନି.ପ୍ର): ଧର୍ମ ନାମରେ ସାମାଜିକ ବ୍ୟାଧି ଗୋ ହତ୍ୟା ବନ୍ଦ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଗୁରୁବାର ଦିନ ଏସପିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ୧୯୬୦ ଗୋହତ୍ୟା ବିରୋଧି ଆଇନକୁ କେତେକ ନିର୍ଦ୍ଦିଷ୍ଟ ଧର୍ମର ଲୋକ ମାନୁ ନାହାଁନ୍ତି । ପଶୁ ସମ୍ପଦ ସୁରକ୍ଷା ନକରି ପଶୁ ହତ୍ୟା କରୁଛନ୍ତି । ପୁରୀ ଜିଲ୍ଲା ପିପିଲି ଦାନଗୋହିର ଗ୍ରାମରେ ୧୦ଟି ମସଜିଦ୍ ରହିଛି । ଏହି ଗ୍ରାମରେ ୫ ହଜାରରୁ ଉର୍ଦ୍ଧ୍ୱ ଗାଇଙ୍କୁ ବଳିଦେଇ ମାଟିତଳେ ପୋତିଦେବା ପାଇଁ ଯୋଜନା କରୁଥିବା ସମ୍ପର୍କରେ ଜଣାଇଛନ୍ତି । ଯଦି ଏହି କାର୍ଯ୍ୟ କରାଯାଏ ତାହେଲେ କେତେକ ସଂଗଠନ ଓ ବ୍ୟକ୍ତିବିଶେଷ ବିରୋଧ କରିବେ ବୋଲି ଜଣାଇଛନ୍ତି । ଏହି ଦାବିପତ୍ର ଦେବା ପାଇଁ ଅନୁପ ପଣ୍ଡା, ମହେଶ୍ୱର ପ୍ରଧାନ, ତାପସ ରାଣୀ ପ୍ରଧାନ, ତିଳୋତମା ବରାଳ, ସୌଦାମିନୀ, ସରସ୍ୱତୀ ସ୍ୱାଇଁ ଓ ବାମଦେବ ନାୟକ ଉପସ୍ଥିତ ଥିଲେ ।

ଧ୍ରୁବଙ୍କୁ ନେଇ ଯୁବକଂଗ୍ରେସ ଶସ୍ତା ରାଜନୀତି ବନ୍ଦ କରୁ ; ଯୁବବିଜେଡି

ପଟ୍ଟାମୁଣ୍ଡାଇ,୩୧।୭ (ନି.ପ୍ର): କଂଗ୍ରେସଦଳ ନିଜ ଅପକର୍ମ ପାଇଁ ସାରା ଭାରତରୁ ନିଶ୍ଚିହ୍ନ ହେବାକୁ ବସିଥିବାବେଳେ ଓଡିଶାରେ ସତା ହରାଇ ବସିଛି । ରାଜନଗର ସମେତ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଆସନରେ ଶୋଚନୀୟ ପରାଜୟ ବରଣ କରିଥିବା କଂଗ୍ରେସ କୌଣସି ଶିକ୍ଷା ଲାଭ ନକରି ଯୁବକଂଗ୍ରେସ ନାଁରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କୁ ନେଇ ଯେଉଁ ଶସ୍ତା ରାଜନୀତି ଚଳାଇଛି ପଟ୍ଟାମୁଣ୍ଡାଇ ଯୁବବିଜେଡି ତାର କଡା ଜବାବ ଦେବ ବୋଲି ନଗର ଯୁବବିଜେଡି ସଭାପତି ମିଟୁ ମନୋଜ ନାୟକ ପ୍ରକାଶ କରିଛନ୍ତି । ନଗର ଯୁବବିଜେଡି ସଭାପତି ଶ୍ରୀନାୟକ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ, ଦେଉଳି ଅଂଚଳର ଜନୈକ ଯୁବକ ଉପରେ

ବିନା ଏନଓସିରେ ଜନବସତିରେ ଗ୍ୟାସ୍ ଷ୍ଟକ୍ ପଏଣ୍ଟ ସ୍ଥାପନ !

ସ୍ଥାନାନ୍ତର ଦାବିରେ କସିପଦା ସରପଞ୍ଚଙ୍କ ଅନଶନ

ବାଲେଶ୍ୱର,୩୧।୭ (ନି.ପ୍ର): ଜନବସତି ମଧ୍ୟରେ ଉଜ୍ଜ୍ୱଳା ଗ୍ୟାସ୍ ସିଲିଣ୍ଡର ଗୋଦାମ ସ୍ଥାପନକୁ ବିରୋଧ କରି ସଦର ବ୍ଲକ କସିପଦା ସରପଞ୍ଚଙ୍କ ସମେତ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଅନଶନରେ ବସିଥିଲେ। ଗ୍ୟାସ ସିଲିଣ୍ଡର ଷ୍ଟକ୍ ପଏଣ୍ଟ ସ୍ଥାପନ ଓ ଉପଭୋକ୍ତାଙ୍କୁ ବଣ୍ଟନ ପାଇଁ ଷ୍ଟକିଷ୍ଟ୍ ଭାବେ ରୂପସା ପୋଡ଼ାଡିହା ଅଞ୍ଚଳର ନିତ୍ୟାନନ୍ଦ ପଟ୍ଟନାୟକଙ୍କ ପତ୍ନୀ ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କୁ ଅନୁମୋଦନ ମିଳିଥିବା ବେଳେ ବିନା ଏନଓସିରେ ଏବେ ଗୋଦାମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଅନଶନରେ ବସିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କସିପଦା ଗ୍ରାମ ପଞ୍ଚାୟତରେ ଏହି ଷ୍ଟକ୍ ପଏଣ୍ଟ ସ୍ଥାପନ ପାଇଁ ମଞ୍ଜୁରୀ ମିଳିଥିଲେ ବି କେଉଁ ସ୍ଥାନରେ ହେବ, ସେ ସମ୍ପର୍କରେ କିଛି ଉଲ୍ଲେଖ କରା ନଯିବା ଫଳରେ ସ୍ଥାନୀୟ ସରପଞ୍ଚ ଅନୀତା ବେହେରା ଏନଓସି ଦେଇ ନଥିଲେ। ଏହା ସତ୍ତ୍ୱେ ଶ୍ରୀମତୀ ପଟ୍ଟନାୟକଙ୍କ ପକ୍ଷରୁ ଜନବସତି ଅଞ୍ଚଳରେ କିପରି ଗୋଦାମ ନିର୍ମାଣ ହେଉଛି ବୋଲି ଗ୍ରାମବାସୀମାନେ ପ୍ରଶ୍ନ କରିଛନ୍ତି।ଏମିତିକି ସରପଞ୍ଚଙ୍କ ସମେତ ଗ୍ରାମବାସୀମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ପୂର୍ବରୁ ଆପତ୍ତି ଜଣାଇଥିଲେ ବୋଲି ସେମାନେ କହିଛନ୍ତି। ମାତ୍ର ପ୍ରାଶସନ ପକ୍ଷରୁ ଅଦ୍ୟାବଧି କ୍ଷେତ୍ର ତଦନ୍ତ ହୋଇ ନଥିଲେ ବି ଷ୍ଟକ୍ ପଏଣ୍ଟ ନିର୍ମାଣ ଚାଲିବା ଯୋଗୁଁ ସେମାନେ ଶେଷରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ନିଷ୍ପତି ନେଇଥିବା ଗ୍ରାମବାସୀମାନେ କହିଛନ୍ତି। ଧାରଣାକାରୀଙ୍କୁ ଉତ୍ସାହିତ କରିବା ପାଇଁ ବିଜେପି ସଦର ଶାଖାର କର୍ମକର୍ତ୍ତା ମାନସ କୁମାର

ଦତ୍ତ, ଗୌରାଙ୍ଗ ଦାସ, ରବୀନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ବେହେରା, ଗଙ୍ଗାଧର ରାଉତ, ଦେବବ୍ରତ କର, ସଂଜୟ ଗିରି, ଅରୂପ ଜେନା ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ। ଏହି ଅବସରରେ ଧାରଣାକାରୀମାନେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଜନସାଧାରଣଙ୍କ ସ୍ୱାର୍ଥରେ କସିପଦା ପଞ୍ଚାୟତରେ ହେଉଥିବା ଗ୍ୟାସ ସିଲିଣ୍ଡର ଷ୍ଟକ୍ ପଏଣ୍ଟ ନିର୍ମାଣ ଯୋଗୁଁ ଦେଖା ଦେଇଥିବା ବିବାଦ ସମ୍ପର୍କରେ ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ବିରୋଧକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ଚିଠିମୂଳେ ସେ ବ୍ଲକ ଅଧ୍ୟକ୍ଷ ଭାବେ ଏନଓସି ପ୍ରଦାନ କରିଥିବା ଶ୍ରୀ ପ୍ରଧାନ ସଫେଇରେ ପ୍ରକାଶ କରିଥିଲେ।

ହୋମ କ୍ୟାରେନଟାଇନ ରହିବାକୁ କେନ୍ଦ୍ର କରି ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ ଓ ଆନ୍ଦୋଳନ

ଜଳେଶ୍ୱର,୩୧।୭ (ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ କୋଟସାହି ପଂଚାୟତର ଡିଙ୍ଗାଶୋଳ ଗ୍ରାମର ଜନୈକ ବିଦେଶ ଫେରନ୍ତାଙ୍କ ହୋମ୍ କ୍ୟାରାଣ୍ଟାଇନ୍‌ରେ ରହିବାକୁ କେନ୍ଦ୍ରକରି ଆଜି ଅପରାହ୍ନରେ ଗ୍ରାମର କିଛି ଲୋକଙ୍କ ପକ୍ଷରୁ ରାସ୍ତା ଅବରୋଧ କରିବା ଏବଂ ଆନ୍ଦୋଳନରେ ବସିବା ଚଚ୍ଚାର ବିଷୟ ହୋଇଛି। ଗ । ଁ ର ଗୋପାଳ ଚନ୍ଦ୍ର ଦାସ ମହାପାତ୍ରଙ୍କ ପୁଅ ପ୍ରିୟରଂଜନ ସାଉଦି ଆରବରେ ରହୁଥିବା ବେଳେ କୋଭିଡ୍-୧୯ ସଂକ୍ରମଣ ଯୋଗୁଁ ଗାଁକୁ ଫେରିଛନ୍ତି। ସେ ଗାଁ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ନ ରହି ନିଜ ଘରେ ରହିଥିବାର ଖବର ପ୍ରଚାରିତ ହେବା ପରେ ସେହି ଗାଁ ଚିନ୍ମୟ ଦାସ ମହାପାତ୍ର, ଦିଲ୍ଲିପ ଦାସ ମହାପାତ୍ର, ଗୋପାଳ ଜେନା, ହରେକୃଷ୍ଣ ପ୍ରମାଣିକ, ମହେଶ୍ୱର ବେହେରା, ବଳରାମ ଜେନା, ଅଶୋକ ଜେନା, ଦେବିଦାସ ପଣ୍ଡା, ଜଗବଂଧୁ ଜେନା, ଦିନବଂଧୁ ଜେନା, ପବିତ୍ର ଜେନା ପ୍ରମୁଖ ଏହାକୁ ବିରୋଧ କରି ଗାଁ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନରେ ବସିଛନ୍ତି। କିନ୍ତୁ ଏ ସଂପର୍କରେ ଗୋପାଳ ଦାସ ମହାପାତ୍ରଙ୍କ ମତାମତ ଲୋଡିବାରୁ ସେ ସ୍ଥାନୀୟ ପ୍ରଶାସନର ଅନୁମତି ନେଇ ନିଜ ପୁଅପ୍ରି ୟରଂଜନକୁ ହୋମ କ୍ୟାରାଣ୍ଟାଇନ୍‌ରେ ରଖିଥିବା ପ୍ରକାଶ କରିଛନ୍ତି। ଏ ସଂପର୍କରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏ ସଂପର୍କରେ ବିଡିଓଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନଥିଲା।

ଏସ୍‌ଏଫଆଇର ପୂର୍ବତନ ଛାତ୍ର ନେତା ଅଜୟ ପରିଡାଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର,୩୧।୭ (ନି.ପ୍ର): ଜଳେଶ୍ୱର ପୌରପାଳିକାରେ ବସବାସ କରି ଆସୁଥିବା ଏସ୍‌ଏଫଆଇର ପୂର୍ବତନ ଛାତ୍ରନେତା ଅଜୟ ପରିଡାଙ୍କ ଶ୍ରଦ୍ଧାଞ୍ଜଳି ସଭା ଶାନ୍ତିଆସ୍ଥିତ ଶ୍ରୀମାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ବତନ ଛାତ୍ର ସଂସଦର ପୂର୍ବତନ ସଭାପତି ଦିଲ୍ଲିପ କୁମାର ଗିରି ସଭାପତିତ୍ୱ କରିଥିଲେ। ଅଜୟ ଜଣେ ନିର୍ଭିକ ଛାତ୍ର ଥିବା ବେଳେ ୧୯୭୭-୭୮ ଶିକ୍ଷାବର୍ଷରେ ଛାତ୍ର ସଂସଦର ସହସଂପାଦକ ଥାଇ ଦୀନକୃଷ୍ଣ କଲେଜର ଛାତ୍ର ଆନ୍ଦୋଳନରେ ସାମିଲ ହୋଇ ଦୀର୍ଘ ୨୫ଦିନ ଜେଲ୍‌ରେ ରହିବା ଆଜିବି ସମସ୍ତଙ୍କୁ ମନେ ପକାଇଦିଏ। ସେ ଜଣେ ସଂଗଠକ, ସମାଜସେବି, ପରପୋକାରୀ, ନିଷ୍ଠାପର କର୍ମଚାରୀ ଭାବେ ପରିଚିତ ଥିଲେ ବୋଲି ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ଲଳିତ ରଂଜନ ସେନାପତି, ଡ. ରଜନୀକାନ୍ତ ଭୂୟାଁ, ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତି, ଆଇନ୍‌ଜିବୀ ସେକ୍ ଫରିଦ୍ ଅହମ୍ମଦ, ସୁନିଲ ନାୟକ, ବନମାଳି ଧଳ, ଗଣେଶ ଚନ୍ଦ୍ର ପାଳ, କମଳ ଲୋଚନ ମହାପାତ୍ର, ଜୟନ୍ତ କୁମାର ଦେ, ନବେନ୍ଦୁ ପ୍ରଧାନ, ବିରଞ୍ଚି ଭୂୟା, ରାଧାନାଥ ଭଂଜ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଆତ୍ମାର ସଦ୍‌ଗତି ଲାଗି ୧ ମିନିଟ୍ ନିରବ ପ୍ରାର୍ଥନା ସହିତ ପୁଷ୍ପାର୍ଘ ପ୍ରଦାନ କରିଥିଲେ।

ପାରାଦ୍ୱୀପ ହରିଦାସପୁର ରେଳପଥ ପ୍ରଥମ କୋଇଲା ବୋଝେଇ ଟ୍ରେନ୍‌କୁ ଅଟକାଇଲେ ଗ୍ରାମବାସୀ

ପାରାଦ୍ୱୀପ ,୩୧।୭ (ନି.ପ୍ର): ବହୁ ପ୍ରତିକ୍ଷୀତ ହରିଦାସପୁର-ପାରାଦ୍ୱୀପ ରେଲଲାଇନରେ ଶୁକ୍ରବାର ଦିନ ପ୍ରଥମ କରି ଟ୍ରାଏଲ ଗୁଡସ୍ ଟ୍ରେନ୍ କୁ ନୂଆଗାଁ ଷ୍ଟେସନରେ ସ୍ଥାନୀୟ ଗ୍ରାମବାସୀ ଅଟକ ରଖିଥିବା ଜଣାପଡିଛି। ପାରାଦ୍ୱୀପରୁ ରାଉରତକେଲା କୁ ଶୁକ୍ରବାର ଦିନ କୋଇଲା ବୋଝେଇ ଟ୍ରେନ ପରୀକ୍ଷା ମୂଳକ ଭାବେ ଯାତ୍ରା ଆରମ୍ଭ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ଥାନା ଅନ୍ତର୍ଗତ ନୂଆଗାଁ ଷ୍ଟେସନ ନିକଟରେ ସ୍ଥାନୀୟ ଗ୍ରାମବାସୀମାନେ ରେଳରୋକ କରିଥିଲେ। ଏହି ରୁଟ୍‌ରେ ପାସେଞ୍ଜର ଟ୍ରେନ୍ ଚଳାଚଳ କଲେ କେନ୍ଦ୍ରାପଡା ଜିଲ୍ଲାରୁ ନିଜର ଜୀବନ ଜୀବିକା ପାଇଁ ପାରାଦ୍ୱୀପ ଯାଉଥିବା ଲୋକମାନେ ଉପକୃତ ହୋଇପାରିବେ ବୋଲି ଆନ୍ଦୋଳନ କାରୀମାନେ କହିଥିଲେ। ଏଠାରେ ଟ୍ରାଏଲ ଟ୍ରେନ୍ ଚଳାଚଳ କରିବା ପରେ ଏହି ରୁଟ୍‌ରେ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ପାଇଁ ମାନ୍ୟବର ପେଟ୍ରୋଲିୟମ ମନ୍ତ୍ରୀ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏକ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ଏହି ରୁଟ୍‌ରେ ପାସେଞ୍ଜର ଟ୍ରେନ୍ ଚଳାଚଳ ର ଶୁଭାରମ୍ଭ କରିବାକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ପତ୍ର ଲେଖିଥିବା ଜଣାପଡିଛି। ପ୍ରକାଶ ଥାଉକି ୧୯୬୬ ମସିହାରେ ହରିଦାସପୁର ପାରାଦ୍ୱୀପ ରେଳଲାଇନ୍ ପ୍ରସ୍ତାବ ଅନୁମୋଦନ ଲାଭ କରିଥିଲା। ୧୯୯୯ ମସିହାରେ ଏହି ରେଳଲାଇନ୍ର ଶୁଭ ଦିଆଯାଇଥିଲା। ବୁହୁ ବିଳମ୍ବ ହେଲେ ମଧ୍ୟ ହରିଦାସପୁର -ପାରାଦ୍ୱୀପ ରେଳ ଲାଇନ୍‌ରେ ରେଳଗଡିଛି। ଓଡିଶାର ରେଳଲାଇନ୍ ନଥିବା ଏକମାତ୍ର ଜିଲ୍ଲା କେନ୍ଦ୍ରାପଡା ଜିଲ୍ଲାରେ ରେଳ ଗଡିଛି। ପୂର୍ବତଟ ରେଲ୍‌ୱେ ଏହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲା।

କଟକରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୮୦ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର, ୩୧ ଜୁଲାଇ - କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୩୮୦ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ସେହିପରି ଏହି ସମୟ ମଧ୍ୟରେ ସାମାଜିକ ଦୂରତ୍ୱ ନିୟମ ଅମାନ୍ୟ କରିଥିବାରୁ ୧୨୪୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ବିଲରେ ଗ୍ରାମ ରାସ୍ତା ନିର୍ମାଣକୁ ନେଇ ଅଭିଯୋଗ

କେନ୍ଦ୍ରାପଡା,୩୧।୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ରାଜଗଡ ପଂଚାୟତର ନଛିପଡା ଗ୍ରାମର ୬୮୦ ମିଟର ରାସ୍ତାକୁ ଆରଡି ବିଭାଗ ଏକ ବିଲ ମଝିରେ କରୁଥିବାର ଅଭିଯୋଗ ହୋଇଛି। ନଛିପଡା ଗ୍ରାମରେ ୧୩୭୦ ମିଟର ରାସ୍ତା ନିର୍ମାଣ କରିବା ପାଇଁ ସୂଚନା ଫଳକରେ ଉଲ୍ଲେଖ ଥିବାବେଳେ ୬୯୦ ମିଟର ଢଳାଇ ରାସ୍ତା ତିଆରି ସରିଛି। ଆଉ ୬୮୦ ମିଟର ପିଚୁ ରାସ୍ତାକୁ ନିକଟସ୍ଥ ଅରାଇଲୋ ଗ୍ରାମର ବିଲ ମଝିରେ ତିଆରି କରାଯାଉଛି। ତେବେ ସେଠାରେ ନଛିପଡା ଗାଁର ନାମକୁ ସୂଚନା ଫଳକରେ ଲେଖି ଟଙ୍କା ଉଠାଣ କରାଯାଇ ଥିବାର ଜିଲ୍ଲାପାଳଙ୍କ ନିକଟରେ ନିଳମଣୀ ମଲିକ, ଚନ୍ଦନ ମଲିକ, ସୁସିଲ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ରାଉରକେଲା ଆଇଜିଏଚ୍‌ରେ ...

ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ଏବଂ ଜନସାଧାରଣଙ୍କ ଆଶୀର୍ବାଦରେ ଏହି ନୂଆ କେନ୍ଦ୍ର ଲୋକଙ୍କୁ ଉତମ ସେବା ଦେବା ସହ ସେମାନଙ୍କ ଭରସାକୁ ପୂରଣ କରିବାରେ ସଂପୂର୍ଣ୍ଣ ସଫଳ ହେବ ବୋଲି ଆଶାପ୍ରକାଶ କରିଥିଲେ। ଗତ ୧୫ ଦିନ ମଧ୍ୟରେ ରାଜ୍ୟରେ ୭୦ଟି ପ୍ଲାଜମା ୟୁନିଟ୍ ସଂଗୃହୀତ ହୋଇଛି, ୮ ଜଣ ପ୍ଲାଜମା ଚିକିତ୍ସିତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ୧୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇଛି। ଖୁବ ଶୀଘ୍ର ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଓ ବୁର୍ଲାର ଭୀମସାର ଠାରେ ପ୍ଲାଜମା ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହାଦ୍ୱାରା ରାଜ୍ୟର ସବୁ ଅଂଚଳରେ ପ୍ଲାଜମା ଚିକିତ୍ସାର ସୁବିଧା ସହଜରେ ମିଳିପାରିବ ଏବଂ ଆମେ ସମସ୍ତେ ଆମର ଏକ ଗୁରୁଦାୟିତ୍ୱକୁ ପୂରଣ କରିପାରିବୁ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ସେବାରେ ସବୁଠାରୁ ଉଚ୍ଚ ମାନ ବଜାୟ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ କରୋନାକୁ ହରାଇବାରେ ପ୍ଲାଜମା ଥେରାପିର ସଫଳତା ଦ୍ୱାରା ପଶ୍ଚିମ ଓଡିଶାବାସୀ ମଧ୍ୟ ଆଇଜିଏଚ୍ ପ୍ଲାଜମା ବ୍ୟାଙ୍କ ଦ୍ୱାରା ବିଶେଷ ଉପକାର ପାଇବେ। ମୁଖ୍ୟଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ପ୍ଲାଜମା ଦାନକୁ ଉତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆଇଜିଏଚ୍ ରେ ପ୍ଲାଜମା ଥେରାପି ଉପରେ ସୂଚନା ଦେଇଥିଲେ। ଅଧିକରୁ ଅଧିକ ଲୋକ ପ୍ଲାଜମା ଦାନ କଲେ ରାଜ୍ୟର ସୁସ୍ଥତା ହାର ଆହୁରି ବୃଦ୍ଧି ପାଇବ ବୋଲି ସେ ଆଶାପ୍ରକାଶ କରିଥିଲେ। ଆଇଜିଏଚ ରାଉରକେଲାରେ ପ୍ରଥମ ପ୍ଲାଜମା ଦାନ କରିଥିବା ଶ୍ରୀ ସୀମାଞ୍ଚଳ ଗୌଡ କରୋନା ରୋଗ ସଂପର୍କରେ ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ସମସ୍ତଙ୍କୁ ପ୍ଲାଜମା ଦାନ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ଆନ୍ଧ୍ରରେ ସାନିଟାଇଜର ...

କିଣି ପିଇଦେଇଥିଲେ। ଏହି ଘଟଣା ପରେ ପୋଲିସ ସମସ୍ତ ସ୍ଥାନୀୟ ଦୋକାନରୁ ସାନିଟାଇଜର ଜବତ କରିଛି। ସୂଚନା ଅନୁଯାୟୀ ଦେଶବ୍ୟାପୀ ତାଲାବନ୍ଦ ପରେ ଆନ୍ଧ୍ରପ୍ରଦେଶ ସରକାର ମଇ ୪ ରେ ମଦ ଦୋକାନ ଖୋଲିଥିଲେ। ଏହା ପରେ ସରକାର ମଦ ଦର ବୃଦ୍ଧି କରି ଦୋକାନ ସଂଖ୍ୟା ହ୍ରାସ କରିଥିଲେ ମଧ୍ୟ ଲୋକଙ୍କ ନିଶା କମି ନଥିଲା। ୧୦ ଦିନରୁ ଅଧିକ ସମୟ ଧରି ତାଲାବନ୍ଦ ଥିବାରୁ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାରେ ଅନେକ ଲୋକ ସାନିଟାଇଜର ପିଇଥିଲେ। ପରେ ସେମାନେ ପେଟରେ ଯନ୍ତ୍ରଣା ହେବାରୁ ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଗୁରୁବାର ମଧ୍ୟରାତ୍ରିରେ ତିନି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶୁକ୍ରବାର ଦିନ ଅନ୍ୟ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଏସପି ସିଦ୍ଧାର୍ଥ କୌଶଲ ସୂଚନା ଅନୁଯାୟୀ ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ ତିନିଜଣ ଭିକାରୀ ଅଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆହୁରି ୨୦ ଜଣ ସାନିଟାଇଜର ପିଇଥିବା ସ୍ୱୀକାର କରିଛନ୍ତି। ପ୍ରଶାସନ ସ୍ଥାନୀୟ ଦୋକାନରୁ ସାନିଟାଇଜର ଜବତ କରି ପରୀକ୍ଷା ପାଇଁ ଲ୍ୟାବକୁ ନମୁନା ପଠାଇଛି।

ପୁଣି ଫେରିଲା...

ରାତିରେ ଜରୁରୀକାଳୀନ ସେବା ପାଇଁ ଅନୁମତି ମିଳିବ। ସ୍ୱାସ୍ଥ୍ୟ ଜନିତ ଯାତାୟତ ପାଇଁ ଯାତାୟତ କରିବାରେ କୌଣସି ଅସୁବିଧା ନାହିଁ। ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀମାନେ ମଧ୍ୟ ଯାତାୟତ କରିପାରିବେ। ସ୍ୱାସ୍ଥ୍ୟ ସେବା ସହ ଜଡିତ କର୍ମଚାରୀ , ବିଦ୍ୟୁତ୍ ଓ ଜଳ ଯୋଗାଣ କର୍ମଚାରୀ ମାନେ ଯାତାୟତ କରିପାରିବେ। ପ୍ରିଂଟ ଓ ଇଲେକଟ୍ରୋନିକ ଗଣମାଧ୍ୟମର ପ୍ରତିନିଧିମାନେ ମଧ୍ୟ କଟକଣାରୁ ବାଦ୍ ପଡିବେ। ଅଗଷ୍ଟ ୧ ଓ ୨ ତାରିଖରେ ସଟଡାଉନ ସାମାନ୍ୟ କୋହଳ କରି ଦିଆଯାଇଛି। ଏହି ୨ ଦିନ ଦିନ ୧ଟାରୁ ରାତି ୯ଟା ଯାଏଁ ସଟଡାଉନ ରହିବ। ଅର୍ଥାତ ଦିନ ଗୋଟିଏ ଯାଏଁ ସବୁ ଖୋଲା ରହିବ। ଏହାପରେ ଅଗଷ୍ଟ ମାସର ଅନ୍ୟ ଶନିବାର ଓ ରବିବାର ପୂର୍ବ ଭଳି ସଟ୍ ଡାଉନ୍ ରହିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।

ରାଜ୍ୟର...

ମୟୁରଭଂଜ ଜିଲ୍ଲାରେ ୬୫୨. ନବରଙ୍ଗପୁର ଜିଲ୍ଲାରେ ୨୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ନୟାଗଡ ଜିଲ୍ଲାରେ ୬୨୩, ନୂଆପଡା ଜିଲ୍ଲାରେ ୧୩୮, ପୁରୀ ଜିଲ୍ଲାରେ ୭୫୩, ରାୟଗଡା ଜିଲ୍ଲାରେ ୭୩୩. ସମ୍ବଲପୁର ଜିଲ୍ଲାରେ ୩୯୮. ସୁବର୍ଣ୍ଣପୁର ଜିଲ୍ଲାରେ ୯୧ ଓ ସୁନ୍ଦରଗଡ ଜିଲ୍ଲାରେ ୧୩୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ସରକାରଙ୍କ ଅଗଷ୍ଟମାସ କୋଭିଡ୍ ଗାଇଡଲାଇନ୍ ଜାରି

ବାଲେଶ୍ୱରରେ ଜିଲ୍ଲାପାଳଙ୍କ ଅତିରିକ୍ତ ନିର୍ଦ୍ଦେଶକୁ ଅପେକ୍ଷା

ବାଲେଶ୍ୱର,୩୧।୭ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ କରୋନା ସଂକ୍ରମଣକୁ ନେଇ ଅଗଷ୍ଟ ମାସ ପାଇଁ ନୂଆ ଗାଇଡ୍ ଲାଇନ୍ ଆଜି ଜାରି ହୋଇଥିଲେ ବି ବାଲେଶ୍ୱରରେ ଏହାର ରୂପରେଖ କ'ଣ ରହିବ ତାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ପ୍ରଶ୍ନ ଦେଖାଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଅଗଷ୍ଟ ମାସର କଟକଣା ଓ ସରକାରଙ୍କ କୋହଳ ନୀତି ସମ୍ପର୍କରେ ଆଜି ସୂଚନା ଦେଇଛନ୍ତି। ସାରା ରାଜ୍ୟରେ ରାତି ୯ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ ରାତ୍ରୀକାଳୀନ କର୍ଫ୍ୟୁ ପୂର୍ବବତ୍ ବଳବତ୍ତର ରହିବ। କେବଳ କଟକ, ଖୋର୍ଦ୍ଧା, ଗଜପତି ଓ ଗଞ୍ଜାମ ଜିଲ୍ଲା ସମେତ ରାଉରକେଲା ମହାନଗରରେ ସପ୍ତାହାନ୍ତ ଦୁଇଦିନିଆ ସଟଡାଉନ୍ ପୂର୍ବଭଳି ଜାରି ରହିବ। ତେବେ ୧ ଓ ୨ତାରିଖରେ ଅପରାହ୍ନ ୧ଟାରୁ ସଟ ଡାଉନ୍ ଆରମ୍ଭ ହେବ। ସକାଳ ୫ ଟାରୁ ଦିନ ଗୋଟାଏ ମଧ୍ୟରେ ସମ୍ପୃକ୍ତ ୪ ଟି ଜିଲ୍ଲା ଓ ରାଉରକେଲାରେ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲା ରହିବ ବୋଲି କୁହାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାର କ

ଶନିବାର,୦୧ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଓଡ଼ିଶାରେ ଗୋଷ୍ଠି ସଂକ୍ରମଣ ଆଶଙ୍କା : ମୁଖ୍ୟମନ୍ତ୍ରୀଙ୍କୁ ୪ ପ୍ରସ୍ତାବ ଦେଲେ ନିରଞ୍ଜନ

ଭୁବନେଶ୍ୱର,୩୧।୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଗୋଷ୍ଠୀ ସଂକ୍ରମଣ ଆଡକୁ ଯିବାର ଯଥେଷ୍ଟ ଆଶଙ୍କା ଅଛି । ଆଗାମୀ ଦିନରେ କିଛି ନିର୍ଦ୍ଦିଷ୍ଟ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଦଳ ତରଫରୁ ପିସିସି ସଭାପତି ନିରଂଜନ ପଟ୍ଟନାୟକ ୪ ଟି ପ୍ରସ୍ତାବ ଦେଇ ଚିଠି ଲେଖିଛନ୍ତି । ମୁଖ୍ୟମନ୍ତ୍ରୀ ସରକାରର ମୁଖ୍ୟ ଭାବରେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ବୁର୍ଦ୍ଧିଜୀବୀ ସହ ଲଢିବାର ଅଭିଜ୍ଞ ବ୍ୟକ୍ତିମାନଙ୍କ ସହ ଚର୍ଚ୍ଚା ଆଲୋଚନା କରି ଏହି ଅଭିଯାନକୁ ଏକ ସଫଳତାର ଦିଗରେ ଆଗକୁ ନେବାକୁ ଉଦ୍ୟମ କରିବେ ବୋଲି ଶ୍ରୀ ପଟ୍ଟନାୟକ ଆଶା କରିଛନ୍ତି । ପ୍ରତି ବେସରକାରୀ ଓ କର୍ପୋରେଟ୍ ଡାକ୍ତରଖାନା ମାନଙ୍କର ୨୦ ପ୍ରତିଶତ ବେଡ, ପଇସା ଖର୍ଚ୍ଚ କରି ଭଲ ପରିବେଶରେ ଚିକିତ୍ସିତ ହେବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କ ପାଇଁ ରଖାଯାଉ । ଏଠାରେ ଚିକିତ୍ସାର ଗୁଣାତ୍ମକ ଦିଗଟି ସରକାରଙ୍କ ତତ୍ତ୍ୱାବଧାନରେ ହେଉ, କିନ୍ତୁ ପାଇଥିବା ସୁବିଧା ବଦଳରେ ରୋଗୀର ପରିବାର ଅର୍ଥ ଖର୍ଚ୍ଚ କରି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାର ସୁଯୋଗ ପାଉ । ସେହିପରି ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ରାଜ୍ୟ ସାରା ଗୃହ ସର୍ବେକ୍ଷଣ କରାଯାଇ ପ୍ରତି ଘରେ ବା ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ଥିବା ଆକ୍ରାନ୍ତଙ୍କୁ ଓ ସମାନ ଲକ୍ଷଣ ଦେଖାଯାଉଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଉ । ରାଜ୍ୟର କୋଭିଡ୍ ହସ୍ପିଟାଲର ସଂଖ୍ୟା ବଢାଯାଇ ମେଡିକାଲ ଇକ୍ୟୁପ୍ମେଣ୍ଟ ତଥା ଜୀବନ ରକ୍ଷାକରୀ ଇକ୍ୟୁପ୍ମେଣ୍ଟ ଗୁଡିକ ଯଥେଷ୍ଟ ସଂଖ୍ୟାରେ ମହଜୁଦ୍ ରଖାଯାଉ । କରୋନା ଯୋଦ୍ଧାମାନଙ୍କୁ ସୁରକ୍ଷା କିଟ୍ ଦେବା ବାଧ୍ୟତାମୂଳକ କରାଯାଉ । ଏହା ବ୍ୟତୀତ ରାଜ୍ୟରେ ପ୍ରତିଦିନ ଟେଷ୍ଟିଂର ସଂଖ୍ୟା ଅନ୍ୟୁନ ୨୫୦୦୦ କରାଯାଉ । କଂଟାକ୍ଟ ଟ୍ରେସିଙ୍ଗ ଗୁରୁତ୍ୱର ସହ କରାଯାଉ ଓ ଟେଷ୍ଟିଂ କରାଯାଉ । ଏକାଧିକ ସଂକ୍ରମଣ ଦେଖାଯାଇଥିବା ଅଂଚଳରେ ଏକ ନିର୍ଦ୍ଦିଷ୍ଟ ବ୍ୟାସାର୍ଦ୍ଧ ପରିମିତ ଅଂଚଳରେ ଶହେ ପ୍ରତିଶତ ବ୍ୟକ୍ତିଙ୍କୁ ଟେଷ୍ଟ କରାଯାଉ । ସଂଗରୋଧ କେନ୍ଦ୍ର ଓ କୋଭିଡ୍ ହସ୍ପିଟାଲରୁ ଛାଡିବା ପୂର୍ବରୁ ସେମାନଙ୍କର ଟେଷ୍ଟ ବାଧ୍ୟତାମୂଳକ କରାଯାଉ ।

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୩୧।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୩୬୮ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୦୩୬୪ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୩୩୦, ବାଲେଶ୍ୱର ଜିଲ୍ଲାରେ ୯୭୧, ବରଗଡ ଜିଲ୍ଲାରେ ୪୧୨, ଭଦ୍ରକ ଜିଲ୍ଲାରେ ୬୦୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୪୨୫. ବୌଦ୍ଧ ଜିଲ୍ଲାରେ ୧୩୭, କଟକ ଜିଲ୍ଲାରେ ୨୦୭୧, ଦେବଗଡ ଜିଲ୍ଲାରେ ୯୨, ଢେଙ୍କାନାଳ ଜିଲ୍ଲାରେ ୨୯୬. ଗଜପତି ଜିଲ୍ଲାରେ ୧୪୦୨, ଜଗତସିଂହପୁର ଜିଲ୍ଲାରେ ୭୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୨୪୪, ଝାରସୁଗୁଡା ଜିଲ୍ଲାରେ ୩୧୦, କଳାହାଣ୍ଡି ଜିଲ୍ଲାରେ ୨୦୭, କନ୍ଧମାଳ ୫୨୭, କେନ୍ଦ୍ରାପଡା ଜିଲ୍ଲାରେ ୪୭୭, କେନ୍ଦୁଝର ଜିଲ୍ଲାରେ ୭୫୭, ଖୋର୍ଧା ଜିଲ୍ଲାରେ ୪୨୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୭୭୧, ମାଲକାନଗିରି ଜିଲ୍ଲାରେ ୫୩୬, ▶▶ପୃଷ୍ଠା ୭

ଦିନକରେ ୩୩ ସ୍ଥାନୀୟ ସଂକ୍ରମଣ !

୯୭୨ ଛୁଇଁଲା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ବାଲେଶ୍ୱର,୩୧।୭ (ନି.ପ୍ର): ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୬ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୩୫ହଜାର ଟପିଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୪୯୯ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୧ହଜାର ୩୭୭ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ ଅଦ୍ୟାବଧି କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୧୭୭ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱରରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ବସିଥିବା ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ପ୍ରଦତ୍ତ ତଥ୍ୟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ୩୮ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭୨ରେ ପହଞ୍ଚିଛି । ଅଦ୍ୟାବଧି ୭୧୩ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୨୫୨ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଆଜି ନୂଆ ଭାବେ ଚିହ୍ନଟ ହୋଇଥିବା ୩୮ ଜଣଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ସେଣ୍ଟରରେ ୫ ଜଣ ଥିବାବେଳେ ଅନ୍ୟ ୩୩ ଜଣ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡ଼ିଛି । ତେବେ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ରେମୁଣା ଶାସନବାଡ଼ ଅଞ୍ଚଳରୁ ଆଜି ସର୍ବାଧିକ୧୩ ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥିରେ ୮ ଜଣ ପୁରୁଷ ଥିବା ବେଳେ ୫ ଜଣ ମହିଳା ସଂକ୍ରମିତ ହୋଇଛନ୍ତି । ସେହିପରି ବସ୍ତା ବ୍ଲକର ସାହାଦା ଅଞ୍ଚଳରେ ୨୩ ବର୍ଷର ପୁରୁଷ ଓ ସିଂଲା ଅଞ୍ଚଳର ଜଣେ ୧୮ ବର୍ଷର ଯୁବତୀ, ୧୦ର ବର୍ଷର ନାବାଳକ ଓ ୧୩ ଏବଂ ୧୬ ବର୍ଷର ଦୁଇଜଣ ନାବାଳିକାଙ୍କୁ ମିଶାଇ ମୋଟ ୫ ଜଣ ସଂକ୍ରମିତ ହୋଇଛନ୍ତି । ଅନୁରୂପ ଭାବେ ସିମୁଳିଆ ବ୍ଲକ ସିଂଲାରେ ୫୦ ବର୍ଷର ପୁରୁଷ, ଭୋଗରାଇ ବ୍ଲକ ଦେହୁର୍ଦ୍ଦାର ୨୭ ବର୍ଷର ଯୁବକ, ଜଳେଶ୍ୱର ଟାଉନର ୭୦ ବର୍ଷର ମହିଳା ଓ ବାସୁଦେବପୁର ଅଞ୍ଚଳର ୧୧ ବର୍ଷର ବାଳକ, ବାଲିଆପାଳର ୪୮ ବର୍ଷର ପୁରୁଷ, ରେମୁଣା ବ୍ଲକ ସେରଗଡ଼ ଅଞ୍ଚଳର ୫୨ ବର୍ଷର ମହିଳା ଓ ୩୬ ବର୍ଷର ଯୁବକ, ସୂତେଇ ଅଞ୍ଚଳର ୫୩ ବର୍ଷର ପୁରୁଷଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି । ସବୁଠାରୁ ବଡ଼କଥା ହେଲା ବାଲେଶ୍ୱର ପୌରାଞ୍ଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ୭ ଜଣ ସ୍ଥାନୀୟ ସଂକ୍ରମଣ ଚିହ୍ନଟ ହେବା ସହବାସୀଙ୍କ ମଧ୍ୟରେ ଛନକା ପଶିଯାଇଛି । ସେମାନଙ୍କ ମଧ୍ୟରେ ମୋତିଗଞ୍ଜର ୨୫ ବର୍ଷର ଯୁବକ, ଅଙ୍ଗାରଗଡ଼ିଆର ୩୨ ବର୍ଷର ଯୁବକ, ଆଜିମାବାଦର ୩୮ ବର୍ଷର ଯୁବକ, ନୂଆବଜାରର ୩୮ ବର୍ଷର ଯୁବକ ଥିବା ବେଳେ ପୁଲିସଲାଇନ୍ ଅଞ୍ଚଳର ୧୧ ବର୍ଷର ନାବାଳିକା, ୩୦ ବର୍ଷ ଓ ୫୮ ବର୍ଷର ମହିଳାଙ୍କଠାରେ କରୋନା ସଂକ୍ରମଣ ଚିହ୍ନଟ ହୋଇଛି । ତେବେ ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ କରୋନା ପିଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି । ଯାହା ବି ହେଉ ଗତ କିଛିଦିନ ଧରି ଜିଲ୍ଲାରେ କରୋନା ସଂକ୍ରମଣ ବଢ଼ିଚାଲିଥିବା ବେଳେ ଅଗଷ୍ଟ ମାସରେ ସମ୍ଭାବ୍ୟ ସ୍ଥିତିକୁ ନେଇ ଆଶଙ୍କା ଦେଖାଦେଇଛି । ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

କୋଭିଡ ମାର୍ଗଦର୍ଶିକା ଉଲ୍ଲଙ୍ଘନରେ ବିଜେପି ସକ୍ରିୟ: ବିଜେଡି

ଭୁବନେଶ୍ୱର,୩୧।୭ (ନି.ପ୍ର): ଓଡିଶାର ବିଜେପି ନେତାମାନେ କୋଭିଡ ମାର୍ଗଦର୍ଶିକା ପାଳନରେ ସହଯୋଗ କରିବା ବଦଳରେ ସକ୍ରିୟ ଭାବେ ଏହାକୁ ଉଲ୍ଲଙ୍ଘନ କରୁଥିବା ଦେଖିବାକୁ ମିଳୁଛି । ଅବସ୍ଥା ଏଭଳି ହୋଇଛି ଯେ ବିଜେପି ନେତାମାନେ ଏବେ ଟିଭିରେ ମୁହଁ ଦେଖାଇବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି । ଏଭଳି ରାଜନୀତି ଖେଳ ଓଡିଶା ବିଜେପିର ଅସଲ ଚେହେରାକୁ ପଦାରେ ପକାଇ ଦେଉଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଜେପିର ଆଗଧାଡିର ନେତାମାନେ କୋଭିଡ ମାର୍ଗଦର୍ଶିକା ପାଳନ ପାଇଁ ବାରମ୍ବାର ଅପିଲ କରୁଥିବାବେଳେ ଓଡିଶା ବିଜେପି ନେତାମାନେ ଓ୍ୱେବନାର କିମ୍ବା ଭିଡିଓ କନଫରେନ୍ସି ଜରିଆରେ କର୍ମଶାଳା ଆୟୋଜନକରି କୋଭିଡ ନିର୍ଦ୍ଦେଶାବଳୀ କିଭଳି ପାଳନ କରାଯିବ ସେ ସଂକ୍ରାନ୍ତରେ ଦଳର କର୍ମୀମାନଙ୍କୁ ପରାମର୍ଶ ଦେବା ଆବଶ୍ୟକ । ଓଡିଶାର ବିଜେପି ନେତାମାନେ ଯଦି କୋଭିଡ ମାର୍ଗଦର୍ଶିକା ପାଳନ କରିବେ ନାହିଁ ତେବେ ସେମାନେ କେବଳ କରୋନା ସଂକ୍ରମିତ ହୋଇ ନିଜେ ବିପଦରେ ପଡିବେ ନାହିଁ ବରଂ ଜଣେ ଜଣେ କରୋନା ସୁପରସ୍ପ୍ରେଡର ଭାବେ ଉଭା ହେବେ ବୋଲି ଡକ୍ଟର ପାତ୍ର କହିଛନ୍ତି ।

ରାଜ୍ୟରେ ଦିନକୁ ହେବ ୨୦ ହଜାର କରୋନା ପରୀକ୍ଷଣ

ଭୁବନେଶ୍ୱର,୩୧।୭ (ନି.ପ୍ର): ରାଜ୍ୟରେ ବଢିବ କରୋନା ପରୀକ୍ଷଣ । ଦିନକୁ ୧୨ହଜାର ବଦଳରେ ହେବ ୨୦ହଜାର ପରୀକ୍ଷା ହେବ । ୮ ହଜାର ଆର୍ଟିଫିସିଆଲ,ବାକି ଆଂଟିଜେନ୍ ଓ ଟ୍ରୁନେଟ୍ ପରୀକ୍ଷା ହେବ । ବର୍ତମାନ ରାଜ୍ୟରେ ଆଂଟିଜେନ କିଟ୍ ର ଅଭାବ ନାହିଁ । ଏବେ ବହୁତ କମ୍ପାନୀ ଏହା ତିଆରି କରୁଛନ୍ତି । ତେଣୁ ୪୫୦ ଟଙ୍କାରୁ ଏହାର ଦାମ କରିପାରେ । ଏହା ବ୍ୟତୀତ ଗଂଜାମ, ଖୋର୍ଦ୍ଧା, କଟକ ଓ ଯାଜପୁରରେ ସ୍ଥିତି ସ୍ଥିର ଅଛି ବୋଲି କହିଛନ୍ତି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା । ସେ କହିଛନ୍ତି ଯେ ଲକ୍ ଡାଉନ୍ ପାଇଁ ଅଧିକ ରୋଗୀଙ୍କୁ ଚିହ୍ନଟ କରାଯାଇ ସଙ୍ଗରୋଧ କରାଯାଇପାରିଛି । ଏହିପରି ହେଲେ ଅଗଷ୍ଟରେ ସଂଖ୍ୟା କମିବ ବୋଲି ଆଶା ରହିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ହୋଇ ନାହିଁ । ରାଜ୍ୟ ସରକାର ଚାହିଁଲେ, ଘରୋଇ ଲାବ୍ରୋଟାରୀ ରେ ପରୀକ୍ଷା ହୋଇପାରିବ । ଆଜି ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ ଆଗାମୀ ସ୍ଥିତି ସମ୍ପର୍କରେ କହିବେ ବୋଲି ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

ମାସ୍କ ନପିନ୍ଧିଲେ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା

ବିବାହ ବେଳେ କୋଭିଡ୍ ନିୟମ ଉଲ୍ଲଙ୍ଘନ କଲେ ୧୦ ହଜାର ଫାଇନ୍

ଭୁବନେଶ୍ୱର,୩୧।୭ (ନି.ପ୍ର): ଅଗଷ୍ଟ ପହିଲାରୁ ଲାଗୁ ହେବାକୁ ଥିବା ନୂତନ ଗାଇଡ୍ ଲାଇନ୍ ଅନୁଯାୟୀ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ସର୍ବସାଧାରଣରେ ଛେପ ନ ପାକାଇବା, ବାହାଘର ଓ ଶୁଦ୍ଧିଘରରେ ନିର୍ଦ୍ଧାରିତ ଲୋକଙ୍କ ଠାରୁ ଅଧିକ ଲୋକ ଯୋଗ ନ ଦେବା ଏବଂ ଏକ ସ୍ଥାନରେ ୧୦ରୁ ଅଧିକ ଲୋକ ଏକାଠି ନ ହେବାକୁ ସରକାର ବାରଣ କରିଛନ୍ତି । ମାସ୍କ ନ ପିନ୍ଧି ପ୍ରଥମ ଦୁଇ ଥର ନିୟମ ଭାଙ୍ଗୁଥିବା ଲୋକଙ୍କ ଠାରୁ ୧ ହଜାର ଟଙ୍କା ଜୋରିମାନା ଆଦାୟ କରାଯିବ । ଏହାପରେ ବି ମାସ୍କ ନପିନ୍ଧିଲେ ୫ ହଜାର ଟଙ୍କାର ଜୋରିମାନା ଦେବାକୁ ପଡ଼ିବ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ । ସେହିପରି ବାହଘରରେ କୌଣସି ପ୍ରକାରରେ ୫୦ରୁ ଅଧିକ ଲୋକ ରହିପାରିବେ ନାହିଁ । ବର, କନ୍ୟା ପକ୍ଷ ସମସ୍ତଙ୍କୁ ମିଶାଇ ୫୦ ଜଣ ଲୋକ ଉପସ୍ଥିତ ରହିପାରିବେ । ଶୁଦ୍ଧିକ୍ରିୟା କାର୍ଯ୍ୟରେ ୨୦ରୁ ଅଧିକ ଲୋକଙ୍କୁ ଏକତ୍ର ହେବା ପାଇଁ ଅନୁମତି ମିଳିବ ନାହିଁ । ବାହାଘର ଓ ଶୁଦ୍ଧିକ୍ରିୟାରେ ନିୟମ ଉଲ୍ଲଂଘନ ହେଲେ ୧୦ ହଜାର ଟଙ୍କାର ଆର୍ଥିକ ଜରିମାନା ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ବିବାହ ସ୍ଥାନକୁ ମଧ୍ୟ ସିଲ୍ କରାଯିବ । ସେହିପରି ସର୍ବସାଧାରଣ ସ୍ଥାନରେ ୧୦ରୁ ଅଧିକ ଲୋକ ଏକାଠି ହେଲେ ୧୦ ହଜାର ଟଙ୍କାର ଆର୍ଥିକ ଜରିମାନା ଆଦାୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି କାର୍ଯ୍ୟାଳୟ ଓ ଦୋକାନ ଗୁଡିକ କୋଭିଡ୍ ନିୟମ୍ ଉଲ୍ଲଙ୍ଘଂନ କଲେ ଜୋରିମାନା ସହ ପ୍ରଥମ ପର୍ଯ୍ୟାୟରେ ଉକ୍ତସ୍ଥାନକୁ ୭ ଦିନ ପାଇଁ ସିଲ୍ କରିଦିଆଯିବ । ଏଥିସହ ଜୋରିମାନା ରାଶିକୁ ଆଗାମୀ ଦିନରେ ସରକାର ଆହୁରି ବଢ଼ାଇବେ ବୋଲି ସତର୍କ କରାଇ ଦେଇଛନ୍ତି ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ । ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟରେ କୋଭିଡ୍ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ଅଛି । ତେବେ, କୋଭିଡ୍ ମୁକାବିଲା ସହ ରାଜ୍ୟରେ ଜୀବନ ଓ ଜୀବିକାକୁ ମଧ୍ୟ ସ୍ୱାଭାବିକ କରିବାର ଆବଶ୍ୟକତା ରହିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନର ଅନେକ ନିୟମକୁ କୋହଳ କରିଛନ୍ତି । ଏଥିସହ କୋଭିଡ୍ ସଂକ୍ରମଣକୁ ରୋକିବା ସହ ଜନଜୀବନକୁ ରକ୍ଷା କରିବା ପାଇଁ କିଛି ନିୟମକୁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାର ଆଜି ନୂତନ ମାର୍ଗଦର୍ଶିକା ଜାରି କରିଛନ୍ତି ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ– ଆଇନ୍ ବଳରେ ଆଇନ୍‌କୁ ସଂଶୋଧନ କରିଛନ୍ତି ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ । ସେ ଆହୁରି କହିଛନ୍ତି ଯେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ କୋଭିଡ୍ ସ୍ଥିତି ଭଲ ରହିଛି । ସର୍ବ ଭାରତୀୟ ସ୍ତରରେ ରାଜ୍ୟରେ ମୃତ୍ୟୁହାର ସର୍ବନିମ୍ନ ରହିଛି । ସେହିପରି ଆକ୍ରାନ୍ତଙ୍କ ତୁଳନାରେ ଆରୋଗ୍ୟଙ୍କ ଅନୁପାତ ମଧ୍ୟ ବେଶ ଭଲ ରହିଛି । ଆମ କରୋନା ପଜିଟିଭ୍‌ଙ୍କ ସଂଖ୍ୟା କମୁଛି । ଏହା ଏକ ଲମ୍ବା ଯୁଦ୍ଧ । ଏଥିପାଇଁ ଆମକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ । ଏହାକୁ ଦୃଷ୍ଟିରେ ରଖି କିଛି ନିୟମକୁ ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତି କରିଛନ୍ତି । କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଇନ୍ କୁ ସଂଶୋଧନ କରାଯାଇଛି ।

ଭୁବନେଶ୍ୱରରୁ ପୁଣି ୧୨୮ କରୋନା ପଜିଟିଭ୍

ଭୁବନେଶ୍ୱର,୩୧।୭ (ନି.ପ୍ର): ଆଜି ଭୁବନେଶ୍ୱରରୁ ଆଉ ୧୨୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏଥିରେ ୮୫ ସଂଗରୋଧରୁ ଚିହ୍ନଟ ହୋଇଥିବା ବେଳେ ୪୩ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ଅନ୍ୟପକ୍ଷରେ ଆଉ ୯୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ଭୁବନେଶ୍ୱରରୁ ଏ ପର୍ଯ୍ୟନ୍ତ ୨୭୩୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୪୩୩ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୧୨୮୫ ଜଣ କରୋନା ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୫ ଜଣଙ୍କର ମୃତ୍ୟୁ ହୋଇଛି ।





❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ